

କାଠ ପାଇଁ ଛେଳି ଯାହା, ବିଜ୍ଞତା ପାଇଁ ଗାମ୍ଭୀର୍ଯ୍ୟ ସେୟା।

-କନ୍ଫୁସିୟସ୍

## ଆଜି କ'ଣ କେଉଁଠି

### ଭୁବନେଶ୍ୱର

- ୧୦ମ କଟନଫାବ୍-୨୦୧୮, ଗେଟ୍ ନଂ. ୩, ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୩, ପୂର୍ବାହ୍ନ ୧୦ଟା ୩୦ରୁ ରାତି ୯ଟା।
- ଅଙ୍ଗନୱାଡି କର୍ମଚାରୀ ୟୁନିୟନ ସଂଯୁକ୍ତ ମୋର୍ଚ୍ଚା ପକ୍ଷରୁ ରାଜ୍ୟ ସ୍ତରୀୟ ବିକ୍ଷୋଭ ଶୋଭାଯାତ୍ରା, ରେଲୱେ ଷ୍ଟେଶନ, ପୂର୍ବାହ୍ନ ୧୧ଟା।
- ଓଡ଼ିଶା ଖଣି ନିଗମ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଓଡ଼ିଶା ଲଳିତ କଳା ଏକାଡେମୀର ମିଳିତ ସହଯୋଗରେ ଜାତୀୟ ସ୍ତରୀୟ ଚିତ୍ରଶିଳ୍ପୀ ଶିବିରର ଉଦ୍‌ଘାଟନୀ ପର୍ବ, ପାନ୍ଥନିବାସ ସମ୍ମିଳନୀ କକ୍ଷ, ପୂର୍ବାହ୍ନ ୧୧ଟା ୩୦।
- ଓଡ଼ିଶା ମଡର୍ନ ଆର୍ଟ ଗ୍ୟାଲେରି ପକ୍ଷରୁ ଚିତ୍ରକଳା ପ୍ରଦର୍ଶନୀ 'ସାଥ୍-ସାଥ୍'ର ଅଷ୍ଟମ ଦିବସ, ଗ୍ୟାଲେରି ପରିସର, ପୂର୍ବାହ୍ନ ୧୧ଟା ୩୦।
- ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗ ଏବଂ ମିଶନ ଶକ୍ତିର ମିଳିତ ଆନୁକୂଲ୍ୟରେ ରାଜ୍ୟ ସ୍ତରୀୟ ସଚେତନତା କାର୍ଯ୍ୟକ୍ରମ, ଉତ୍କଳ ଅଡିଟୋରିୟମ୍, ଅପରାହ୍ନ ୪ଟା ୩୦।
- ଇନ୍‌ଷ୍ଟିଚ୍ୟୁଟ ଅଫ୍ ଫିଜିକ୍ସ, ଭୁବନେଶ୍ୱରର ୪୪ତମ ପ୍ରତିଷ୍ଠା ଦିବସ ପାଳନ, ଇନ୍‌ଷ୍ଟିଚ୍ୟୁଟ ଅଫ୍ ଫିଜିକ୍ସ ଅଡିଟୋରିୟମ୍, ଅପରାହ୍ନ ୫ଟା ୩୦।
- ଦଶଭୁଜା ଗୋଟିପୁଅ ଓଡ଼ିଶୀ ନୃତ୍ୟ ପରିଷଦ ପକ୍ଷରୁ ୫ମ ପଦ୍ମଶ୍ରୀ ମାଗୁଣି ଦାସ ମେମୋରିଆଲ ଗୋଟିପୁଅ ଡ୍ୟାନ୍ସ ଫେଷ୍ଟିଭାଲ-୨୦୧୮ର ଉଦ୍‌ଯାପନୀ ସନ୍ଧ୍ୟା, ସୂଚନା ଭବନ, ସନ୍ଧ୍ୟା ୬ଟା ୩୦।

### ବାଲିଅନ୍ତା

- ଟ୍ୟାଲେଣ୍ଟ ଶିକ୍ଷାନୁଷ୍ଠାନ ଛାତ୍ରୀଛାତ୍ରଙ୍କ ପକ୍ଷରୁ ବୃକ୍ଷରୋପଣ ଓ ସଚେତନତା ଶୋଭାଯାତ୍ରା, ମା' ଉତ୍ତରମୁଖୀଙ୍କ ପୀଠ, ଭୁବନପୁର, ସକାଳ ୮ଟା।
- ମା' ଜାଗୁଲାଇ ସରସ୍ୱତୀ ଶିଶୁ ମନ୍ଦିରର ଦଶମ ବାର୍ଷିକ ବିଜ୍ଞାନ ମେଳା, ବିଦ୍ୟାଳୟ ପରିସର, ଅଲାରପୁର, ରଙ୍ଗବଜାର ନିକଟ, ସକାଳ ୯ଟା।

## ସଂକ୍ଷେପରେ

### ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇ ଧାରଣାରେ ବସିଲେ ଗ୍ରାମବାସୀ

**ବାଲିପାଟଣା,୩।୯(ଡି.ଏନ୍.ଏ.):** ତୁରିନ୍ତିରା ପଞ୍ଚାୟତ ଅଧୀନ ନରଦା ଗ୍ରାମ ନିକଟରେ ନିର୍ମାଣ ହେଉଥିବା କଲ୍ୟାଣ ମଣ୍ଡପକୁ ବିରୋଧ କରି ସୋମବାର କେତେଜଣ ଗ୍ରାମବାସୀ ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇବା ସହ ଧାରଣାରେ ବସିଥିଲେ। ଖବରପାଇ ବିଡିଓ ରଶ୍ମିରେଖା ଦାସ ଓ ବାଲିପାଟଣା ଥାନା ଆଇଆଇସି ଆକାଶ ରଣା ଘଟଣାସ୍ଥଳରେ ପହଞ୍ଚି ଲୋକମାନଙ୍କୁ ବୁଝାଶୁଝା କରିବା ସହ ଘଟଣାର ସତ୍ୟାସତ୍ୟ ଉପରେ ଅନୁଧ୍ୟାନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ସୂଚନା ମୁତାବକ, ନରଦା ଗ୍ରାମ ନିକଟରେ ଥିବା ଏକ ଗୋଚରରେ କଲ୍ୟାଣ ମଣ୍ଡପ ନିର୍ମାଣ କରାଯାଉଛି। ଏହି ବେଆଇନ ନିର୍ମାଣକୁ ବିରୋଧ କରି ପଞ୍ଚାୟତର ବହୁ ବ୍ୟକ୍ତି ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ। ଚିଠି ନଂ. ୧୦୦୨୮ ରେ ଉଚ୍ଚ ନ୍ୟାୟାଳୟ କାମ ବନ୍ଦ ରଖିବା ପାଇଁ ୨୩ ଜୁନ୍ ୨୦୧୮ରେ ଆଦେଶ ଦେଇଥିଲା। କିନ୍ତୁ ପୁଣି ୯ଅଗଷ୍ଟ ୨୦୧୮ରେ ପୁଣି କଲ୍ୟାଣ ମଣ୍ଡପ କାର୍ଯ୍ୟ ଆରମ୍ଭ ହୋଇଥିଲା। ଏ ସଂକ୍ରାନ୍ତରେ ଅଭିଯୋଗକାରୀମାନେ ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିଥିଲେ।

### ଡି' ବ୍ରଦର୍ସ ସହଯୋଗୀଙ୍କ ସମ୍ପତ୍ତି ମୂଲ୍ୟାୟନ ନିର୍ଦ୍ଦେଶ

**ଭୁବନେଶ୍ୱର,୪।୯(ବ୍ୟୁରୋ):** ଗ୍ୟାଙ୍ଗଷ୍ଟର ଧଳସାମନ୍ତ ଭ୍ରାତା (ଡି' ବ୍ରଦର୍ସ)ଙ୍କ ସହଯୋଗୀମାନଙ୍କ ନାମରେ ଥିବା ବେଆଇନ ସମ୍ପତ୍ତିର ମୂଲ୍ୟାୟନ କରିବାକୁ ରାଜ୍ୟ ୱାର୍କସ ଡିପାର୍ଟମେଣ୍ଟ ସୋମବାର ବିଲ୍ଡିଂ ବିଭାଗର ମୁଖ୍ୟ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏ କ୍ଷେତ୍ରରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି)କୁ ସହାୟତା ଯୋଗାଇ ଦେବା ସହ ଦିନ ସ୍ଥିର କରିବାକୁ କୁହାଯାଇଛି। ସୂଚନା ମୁତାବକ, ଇଡିର ଡେପୁଟି ଡାଇରେକ୍ଟର ଏସ୍.ପି. ପଣ୍ଡା ଅଗଷ୍ଟ ୨୩ରେ ରାଜ୍ୟ ୱାର୍କସ୍ ଡିପାର୍ଟମେଣ୍ଟର ସହଯୋଗ ନେଇ ଚିଠି କରିଥିଲେ। ମଧୁପାଟଣା ଥାନା ଅନ୍ତର୍ଗତ ନୂଆପଡା ମୌଜାରେ ଆର୍ତ୍ତତ୍ରାଣ ଭୂୟାଁ ନାମରେ ଏକ କୋଠା ଏବଂ ଆଠଗଡ଼ରେ ନିର୍ମଳ ଚନ୍ଦ୍ର ରାଉତ ଓ ତାଙ୍କ ସ୍ତ୍ରୀ ନାମରେ ଏକ ଫାର୍ମ ହାଉସ ରହିଛି। ଏହି ଦୁଇଟି ବେଆଇନ ସମ୍ପତ୍ତି ଧଳସାମନ୍ତ ଭ୍ରାତାଙ୍କ ସହଯୋଗୀଙ୍କ ନାମରେ ଥିବା ଇଡି ଜାଣିବାକୁ ପାଇଥିଲା।

### ■ ପରିମଳ ବ୍ୟବସ୍ଥାରେ ବିଏମ୍‌ସିର ପାଇଲଟ୍ ପ୍ରକଳ୍ପ

# ସ୍ଥାପନ ହେବ ଅଣ୍ଡରଗ୍ରାଉଣ୍ଡ ଡଷ୍ଟବିନ୍

- ■ ୩୦ ସେମି ଅଣ୍ଡରଗ୍ରାଉଣ୍ଡ, ୨୦ ଅଣ୍ଡରଗ୍ରାଉଣ୍ଡ ଡଷ୍ଟବିନ୍ ପାଇଁ ଟେଣ୍ଡର
- ■ ବାହାରେ ଗଦା ହେବନି ଅଳିଆ ଆବର୍ଜନା
- ■ ଡଷ୍ଟବିନ୍‌ଗୁଡ଼ିକରେ ଲାଗିବ ସେନ୍ସର

**ଭୁବନେଶ୍ୱର, ୩।୯(ବ୍ୟୁରୋ)**

ପରିମଳ ବ୍ୟବସ୍ଥାରେ ବିଏମ୍‌ସି ସଂସ୍କାର ଆଣିବ। ଆଉ ବାହାରେ ଏଣେତେଣେ ଅଳିଆ ପଡିବନି କି ଦୁର୍ଗନ୍ଧ ହେବନି। ସେଥିପାଇଁ ବିଏମ୍‌ସି ପାଇଲଟ ପ୍ରକଳ୍ପ ଭାବେ ସହରର ବିଭିନ୍ନ ସ୍ଥାନରେ ୫୦ ଅଣ୍ଡରଗ୍ରାଉଣ୍ଡ ଏବଂ ସେମି ଅଣ୍ଡରଗ୍ରାଉଣ୍ଡ ଡଷ୍ଟବିନ ବସାଇବାକୁ ନିଷ୍ପତ୍ତି ନେଇଛି। ଏଥିପାଇଁ ସୋମବାର ଟେଣ୍ଡର ଡକାଯାଇଥିବା ବିଏମ୍‌ସିର ଅତିରିକ୍ତ କମିଶନର ଶ୍ରୀମନ୍ତ ମିଶ୍ର କହିଛନ୍ତି।

ତାଙ୍କ ସୂଚନାନୁସାରେ, ଏହି ପାଇଲଟ୍ ପ୍ରକଳ୍ପରେ ୩୦ ସେମି ଅଣ୍ଡରଗ୍ରାଉଣ୍ଡ ଏବଂ ୨୦ ଅଣ୍ଡରଗ୍ରାଉଣ୍ଡ ଡଷ୍ଟବିନ ରହିଛି। ଗୋଟିଏ ସେମି ଅଣ୍ଡରଗ୍ରାଉଣ୍ଡ ଡଷ୍ଟବିନର ଅଳିଆ ଧାରଣ କ୍ଷମତା ୧.୫ କ୍ୟୁବିକ୍ ଥିବାବେଳେ ଗୋଟିଏ ଅଣ୍ଡରଗ୍ରାଉଣ୍ଡ ଡଷ୍ଟବିନ ଅଳିଆ ଧାରଣ କ୍ଷମତା ୩ କ୍ୟୁବିକ୍। ଅଧିକ ଅଳିଆ ପଡୁଥିବା ସ୍ଥାନରେ ଡଷ୍ଟବିନଗୁଡିକୁ ମାଟିତଳେ ପୋତା ହେବ। ଅଳିଆ ପକାଇବା ପାଇଁ ସମୟ ନିର୍ଦ୍ଧାରଣ କରାଯିବ ଓ ଅନ୍ୟ ସମୟରେ ଉକ୍ତ ଡଷ୍ଟବିନ୍‌ଗୁଡିକ ବନ୍ଦ ରହିବ। ଏସବୁ ଡଷ୍ଟବିନରେ ସେନ୍‌ସର ଲାଗିବ। ଯେତେବେଳେ ଡଷ୍ଟବିନ୍‌ଗୁଡିକରେ ଅଳିଆ ପୂର୍ଣ୍ଣ ହୋଇଯିବ ସେତେବେଳେ ଲାଗିଥିବା ସେନ୍ସରରୁ କଣ୍ଟ୍ରୋଲ କମାଣ୍ଡରଙ୍କ ପାଖକୁ ଏସ୍‌ଏମଏସ୍ ଯିବ। ତା'ପରେ ଅଳିଆ ବୁହା ଗାଡ଼ି ଆସି ଡଷ୍ଟବିନରୁ ଅଳିଆ ନେଇ ଡମ୍ପିଂୟାର୍ଡରେ ପକାଇବ ବୋଲି ମିଶ୍ର କହିଛନ୍ତି।

ସହରରେ ଅଧିକାଂଶ ସମୟରେ ବର୍ଷା ଯୋଗୁ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହେଉଛି। ବର୍ଷା ଓ ଅଳିଆ ଆବର୍ଜନା ପାଣି ଲୋକଙ୍କ ଘରେ ପଶୁଛି। ଲୋକମାନେ ଜଳମଗ୍ନ ସମସ୍ୟାରେ ଆଉଟ ପାଉଟ ହେଉଥିବାବେଳେ ବିଏମ୍‌ସି ଆଜିପର୍ଯ୍ୟନ୍ତ ଡ୍ରେନେଜ୍ ବ୍ୟବସ୍ଥାକୁ ସୁଧାରି ପାରିଲା ନାହିଁ। ଏବେ ମାଟିତଳେ ଡଷ୍ଟବିନ୍ ବସାଇବା ଯୋଜନାକୁ ନେଇ ନାନା ଆଲୋଚନା ଓ ସମାଲୋଚନା ଆରମ୍ଭ ହୋଇଛି। ଏ ସଂକ୍ରାନ୍ତରେ ସୁଶାନ୍ତ ସାହୁ ନାମକ ଜଣେ ବ୍ୟକ୍ତି କୁହନ୍ତି, ପରିମଳ ପରିଚାଳନା କ୍ଷେତ୍ରରେ ବିଏମ୍‌ସିର ଦୂରଦୃଷ୍ଟି ଅଭାବ ରହିଛି। ଏହାପୂର୍ବରୁ ଟୁଇନ୍ ଡଷ୍ଟବିନ ବସାଇଥିଲା। ହେଲେ କେତେକ ସ୍ଥାନରେ ଟୁଇନ୍ ଡଷ୍ଟବିନ ବସିଥିବାବେଳେ ଆଉ କେତେକ ନ ଥିଲା। ପୁଣି ଯେଉଁଠି ବସାଗଲା ତାହା କିଛିଦିନ ଭିତରେ ଉଭାନ ହୋଇଗଲା। ଏବେ ପୁଣି ଅଣ୍ଡରଗ୍ରାଉଣ୍ଡ ଏବଂ ସେମି ଅଣ୍ଡରଗ୍ରାଉଣ୍ଡ ଡଷ୍ଟବିନ ବସାଇବାକୁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହା ସ୍ୱାଗତଯୋଗ୍ୟ ପଦକ୍ଷେପ, ହେଲେ ସଫଳତା ଆଶା କ୍ଷୀଣ। ସହରରେ ଯେଉଁଭଳି କୃତିମ ବନ୍ୟା ହେଉଛି ଡଷ୍ଟବିନ ଭିତରେ ପାଣି ପଶିବା ନିଶ୍ଚିତ। ଏହାହେଲେ ସେନ୍ସର ଲାଗିଥିବା ଏହି ଡଷ୍ଟବିନ୍‌ଗୁଡିକ କାମ କରିବ ତ ବୋଲି ସେ ପ୍ରଶ୍ନ କରିଛନ୍ତି।

ଏ ସମ୍ପର୍କରେ ମେୟର ଅନନ୍ତ ନାରାୟଣ ଜେନା କୁହନ୍ତି, ପରୀକ୍ଷାମୂଳକ ଭାବେ ଏପରି ନୂଆ ପଦକ୍ଷେପ ନିଆଯାଉଛି। ସହରର ୫୦ ସ୍ଥାନରେ ଅଣ୍ଡରଗ୍ରାଉଣ୍ଡ ଓ ସେମି ଅଣ୍ଡରଗ୍ରାଉଣ୍ଡ ଡଷ୍ଟବିନ୍ ସ୍ଥାପନ କରାଯିବ। ଏହାର ସଫଳତାକୁ ଲକ୍ଷ୍ୟ କରି ପରବର୍ତ୍ତୀ କାର୍ଯ୍ୟପନ୍ଥା ନେଇ ନିଷ୍ପତ୍ତି ହେବ ଓ ସହର ସାରା ଏହି ଯୋଜନାକୁ କାର୍ଯ୍ୟକାରୀ କରାଯିବ ବୋଲି ଜେନା କହିଛନ୍ତି।





ଭାରତୀୟ ବିଦ୍ୟାଭବନଠାରେ ସୋମବାର ଆୟୋଜିତ ଲୁପ୍ତପ୍ରାୟ ଲୋକକଳାର ୫୬ତମ ସନ୍ଧ୍ୟାରେ ପରିବେଷିତ ଗୀତିନାଟ୍ୟ 'ପେଟେଣ୍ଟ ମେଡିସିନ୍'ର ଏକ ଦୃଶ୍ୟ।

## ନିଶାମୁକ୍ତ ଓଡ଼ିଶା ଗଠନ ଦାବି

**ଭୁବନେଶ୍ୱର, ୩।୯(ବ୍ୟୁରୋ)**

ଦେଶକୁ ନିଶାମୁକ୍ତ କରିବା ଗାନ୍ଧିଜୀଙ୍କ ସ୍ୱପ୍ନ ଥିଲା। ତାଙ୍କର ଏହି ସ୍ୱପ୍ନକୁ ସାକାର କରିବା ପାଇଁ ମିଳିତ ଓଡିଶା ନିଶା ନିବାରଣ ଅଭିଯାନ (ମୋନା) ପକ୍ଷରୁ ସରକାରଙ୍କ ବିରୋଧରେ ଯୁଦ୍ଧଂଦେହୀ ଡାକରା ଦିଆଯାଇଛି। ଆଗାମୀ ସାଧାରଣ ନିର୍ବାଚନ ପୂର୍ବରୁ ଓଡ଼ିଶାରେ ନିଶା ନିବାରଣ ଆଇନ ଲାଗୁ କରିବା ନିମନ୍ତେ ରାଜ୍ୟର ପ୍ରତି ନିର୍ବାଚନ ମଣ୍ଡଳୀରେ ଏକ ମାସ ବ୍ୟାପୀ ଦସ୍ତଖତ ସଂଗ୍ରହ ଅଭିଯାନ ଆରମ୍ଭ କରାଯାଇଛି। ରବିବାରଠାରୁ ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନ ମଣ୍ଡଳୀ ହିଞ୍ଜିଳିକାଟୁଠାରୁ ଏହି ଅଭିଯାନ ଆରମ୍ଭ ହୋଇଛି। ଗାନ୍ଧିଜୀଙ୍କ ୧୫୦ତମ ଜୟନ୍ତୀରେ ସ୍ଥାନୀୟ ବିଧାୟକଙ୍କୁ ଦସ୍ତଖତ ଦସ୍ତାବିଜ ମାଧ୍ୟମରେ ସମ୍ପନ୍ନ ହେବ ବୋଲି ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଅନୁଷ୍ଠାନର ସମ୍ପାଦକ ପଦ୍ମଚରଣ ନାୟକ କହିଛନ୍ତି, ନିଶା ନିବାରଣ ଆଇନ ପାସ କରାଯିବା ନିମନ୍ତେ ବିଧାନସଭା ହିଁ ପ୍ରକୃଷ୍ଟ ସ୍ଥାନ। ତେଣୁ ନିଶା ନିବାରଣ ଆଇନ ୧୯୫୬କୁ ଅବିଳମ୍ବେ ଲାଗୁ କରିବା ପାଇଁ ଆମେ ଶାସକ ଦଳକୁ ଅନୁରୋଧ କରୁଛୁ। ଏହା ସହ ପ୍ରତ୍ୟେକ ରାଜନୈତିକ ଦଳକୁ ସେମାନଙ୍କ ନିର୍ବାଚନୀ ଇସ୍ତାହାରରେ ନିଶା ନିବାରଣ ଆଇନ ଲାଗୁ କରିବାକୁ କୁହାଯାଇଥିବା ସେ କହିଛନ୍ତି। ସମ୍ମିଳନୀରେ ଅବସର ବେଉରିଆ, ରମାକାନ୍ତ ମଣ୍ଡଳ, ଖଗେଶ୍ୱର ବଳ ପ୍ରମୁଖ ଉପସ୍ଥିତ ଥିଲେ।





ପଦ୍ମଶ୍ରୀ ମାଗୁଣି ଦାସ ମେମୋରିଆଲ ଗୋଟିପୁଅ ଡ୍ୟାନ୍ସ ଫେଷ୍ଟିଭାଲରେ ଶିଳ୍ପୀମାନେ ଗୋଟିପୁଅ ନୃତ୍ୟ ପରିବେଷଣ କରୁଛନ୍ତି।

## ଗୁରୁ ରାମହରି ଦାସ ପାଇଲେ 'ପଦ୍ମଶ୍ରୀ ଗୁରୁ ମାଗୁଣି ଦାସ ମେମୋରିଆଲ ଆୱାର୍ଡ'

**ଭୁବନେଶ୍ୱର,୩।୯(ବ୍ୟୁରୋ)**

ଦଶଭୁଜା ଗୋଟିପୁଅ ଓଡ଼ିଶୀ ନୃତ୍ୟ ପରିଷଦ ପକ୍ଷରୁ ପଦ୍ମଶ୍ରୀ ମାଗୁଣି ଦାସ ମେମୋରିଆଲ ଗୋଟିପୁଅ ଡ୍ୟାନ୍ସ ଫେଷ୍ଟିଭାଲ ସୋମବାର ସୂଚନା ଭବନଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଗୁରୁ ରାମହରି ଦାସଙ୍କୁ 'ପଦ୍ମଶ୍ରୀ ଗୁରୁ ମାଗୁଣି ଦାସ ମେମୋରିଆଲ ଆୱାର୍ଡ' ପ୍ରଦାନ କରାଯାଇଥିଲା। ସନ୍ଧ୍ୟା କାର୍ଯ୍ୟକ୍ରମ ପ୍ରାରମ୍ଭରେ ଦଶଭୁଜା ଗୋଟିପୁଅ ଓଡ଼ିଶୀ ନୃତ୍ୟ ପରିଷଦର କଳାକାରମାନେ 'ସରସ୍ୱତୀ ବନ୍ଦନା', ଝୁଲଣରେ 'ଦେଖ କୁଞ୍ଜ କେଡ଼େ ଶୋଭା' ପରିବେଷଣ କରିଥିଲେ। ତାଙ୍କ ପରେ ପରେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ଛାତ୍ରମାନଙ୍କ ଦ୍ୱାରା ବୃନ୍ଦ ମର୍ଦ୍ଦଳ ବାଦନ କରାଯାଇଥିଲା। ଏଥିରେ ୧୬ ତାଳ ବିଶିଷ୍ଟ ଆଦିତାଳକୁ ଛାତ୍ରମାନେ ଅତି ଚମତ୍କାର ଭାବେ ପରିବେଷଣ କରିଥିଲେ। ବିଭିନ୍ନ ପ୍ରକାରର ଉଦ୍ୟମା, ଛନ୍ଦବାଦ୍ୟ, ଚଳନ, ଅରସା, ମଣ୍ଡଳାକାର ଅରସା, ଗଡି ବାଦନ କରି ପରିବେଷଣକୁ ସମାପ୍ତ କରିଥିଲେ। ଛାତ୍ରମାନଙ୍କୁ ହାରମୋନିୟମ୍‌ରେ ଗୁରୁ ମୁରଲୀଧର ସ୍ୱାଇଁ ସହଯୋଗ କରିଥିବା ବେଳେ ପରିଚାଳନା କରିଥିଲେ ଗୁରୁ ବିଭୂତି ଭୂଷଣ ବଳବନ୍ତରାୟ। ଶେଷରେ ନୀଳକଣ୍ଠେଶ୍ୱର ଗୋଟିପୁଅ ଗୁରୁକୁଳର କଳାକାରମାନେ ଅଭିନୟରେ 'ଆଜି ମୁଁ ଦେଖିଲି ଘନଶ୍ୟାମ' ପରିବେଷଣ କରି ଉପସ୍ଥିତ ଦର୍ଶକଙ୍କୁ ଅଭିଭୂତ କରିଦେଇଥିଲେ। ଏହା ଏକତାଳି ଉପରେ ଆଧାରିତ ଥିଲା। ସେହିପରି ରାଗ ଭୈରବୀ ଏବଂ ତାଳ ରୂପକ ଉପରେ ପର୍ଯ୍ୟବସିତ 'ଆଗୋ ଦୂତି ଆଜି ରାତି ଶ୍ୟାମ ପ୍ରୀତି' ପରିବେଷିତ ହୋଇଥିଲା। ଏହି ଦ୍ୱିଦିବସୀୟ କାର୍ଯ୍ୟକ୍ରମକୁ ରାଜ୍ୟ ସଭା ସଦସ୍ୟ ପଦ୍ମବିଭୂଷଣ ରଘୁନାଥ ମହାପାତ୍ର, ବିଧାୟକ ଅରୁଣ ସାହୁ, ଶରତ କୁମାର ଦାଶ, ଡ. ବିନାୟକ ରଥ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ।

## ବଟି ନ ଦେବାରୁ କ୍ୟାମ୍ପ କର୍ମଚାରୀଙ୍କୁ ଆକ୍ରମଣ

**ବାଲିପାଟଣା,୩।୯(ଡି.ଏନ୍.ଏ.)**

ବଟି ନ ଦେବାରୁ କେତେଜଣ ଦୁର୍ବୃତ୍ତ ସୋମବାର ମଧ୍ୟାହ୍ନରେ ଜେସିବି ପୋଡି ଦେବା ସହ ବାଲିଘାଟରେ ଥିବା କ୍ୟାମ୍ପର କର୍ମଚାରୀଙ୍କୁ କଟୁରିରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଏହି ଆକ୍ରମଣରେ ବେଣୁଧର ସାହୁ ଓ ରୋଜାବୁଲ ଖାନ ଗୁରୁତର ହୋଇଥିବା ବେଳେ ପ୍ରଦୀପ୍ତ ଜେନା, ମଇନୁ ଖାଁ, ଜିତେନ୍ଦ୍ର ପାତ୍ର ପ୍ରମୁଖ ଆହତ ହୋଇଛନ୍ତି। ସେମାନଙ୍କୁ ଚିକିତ୍ସା ପାଇଁ ବାଲିପାଟଣା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ପ୍ରିମେକ୍ସ କମ୍ପାନୀ ନାମରେ ଏକ ସଂସ୍ଥା ବନମାଳୀପୁରଠାରେ କୁଶଭଦ୍ରା ନଦୀରେ ବାଲିଘାଟ ନିଲାମ ନେଇଥିଲେ। ନଦୀରେ ବନ୍ୟାଜଳ ପ୍ରବାହିତ ହେଉଥିବାରୁ ବାଲି ଉଠା ବନ୍ଦ ରହିଛି। ତେବେ ଘାଟ ବୁଝାବୁଝି କରୁଥିବା ରଣଜିତ୍‌ଙ୍କୁ ଟେଲିଫୋନ ଯୋଗେ ମାସିକିଆ ବଟି ମାଗିଥିଲେ। ସେ ଟଙ୍କା ଦେବାକୁ ମନା କରି ଦେବାରୁ କେତେଜଣ ଦୁର୍ବୃତ୍ତ ବାଇକ୍‌ରେ ଆସି ବାଲିଘାଟରେ ଥିବା ଜେସିବିକୁ ପୋଡି ଦେଇଥିଲେ। ଏହା ସହ କ୍ୟାମ୍ପରେ ଥିବା କର୍ମଚାରୀଙ୍କୁ କଟୁରିରେ ଆକ୍ରମଣ ହୋଇଥିବା ନେଇ ରଣଜିତ୍ ଜେନା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ବାଲିପାଟଣା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ଯୁବତୀଙ୍କ ମୃତଦେହ ଉଦ୍ଧାର

**ପୁରୁଣା ଭୁବନେଶ୍ୱର,୩।୯(ଡି.ଏନ୍.ଏ.)**

ଏୟାରଫିଲ୍ଡ ଥାନା ଅଧୀନ ତାରିଣୀ ବସ୍ତିରୁ ବର୍ଷା ନାଥ(୧୯) ନାମ୍ନୀ ଯୁବତୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି। ତାଙ୍କ ଘର ବାଲେଶ୍ୱର ହୋଇଥିବା ବେଳେ ସେ ଏଠାରେ ମା'ଙ୍କ ସହ ରହି କାମଧନ୍ଦା କରୁଥିଲେ। ମୃତ୍ୟୁ ଖବର ପାଇ ପୋଲିସ ପହଞ୍ଚି ତଦନ୍ତ ଚଳାଇଛି। ପ୍ରାଥମିକ ତଦନ୍ତରୁ ଆତ୍ମହତ୍ୟା କୁହାଯାଉଥିଲେ ମଧ୍ୟ କାରଣ ଅସ୍ପଷ୍ଟ ରହିଛି ।

### ■ ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ

## ଖୋର୍ଦ୍ଧା ଜିଲାରେ ବଢ଼ିଲା ୧୩୪ ବୁଥ

**ଖୋର୍ଦ୍ଧା ଅଫିସ,୩।୯**

ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ ଗତ ଶନିବାରଠାରୁ ଆରମ୍ଭ ହୋଇଛି। ଖୋର୍ଦ୍ଧା ଜିଲାରେ ୧୩୪ ବୁଥ୍ ବଢ଼ିବା ପରେ ଏହାର ସଂଖ୍ୟା ୧୯୦୦ରେ ପହଞ୍ଚିଛି। ପୂର୍ବରୁ ଜିଲାର ୮ଟି ନିର୍ବାଚନ ମଣ୍ଡଳୀରେ ୧୭୬୬ ବୁଥ୍ ଥିଲା। ଖୋର୍ଦ୍ଧା ସବଡିଭିଜନର ବେଗୁନିଆ ନିର୍ବାଚନମଣ୍ଡଳୀରେ ୨୩୧, ଖୋର୍ଦ୍ଧାରେ ୨୪୮, ଚିଲିକା ନିର୍ବାଚନମଣ୍ଡଳୀରେ ୨୩୫ ଏପରି ମୋଟରେ ୭୧୪ ବୁଥ୍ ଥିଲା। ପୁନର୍ଗଠନ ପରେ ବେଗୁନିଆ ନିର୍ବାଚନ ମଣ୍ଡଳୀରେ ୨୩୮, ଖୋର୍ଦ୍ଧାରେ ୨୫୫, ଚିଲିକା ନିର୍ବାଚନ ମଣ୍ଡଳୀରେ ୨୪୪ ଏପରି ୭୩୭ ବୁଥ୍ ହୋଇଛି। ସେହିପରି ଭୁବନେଶ୍ୱର ସବ୍‌ଡିଭିଜନରେ ଜୟଦେବ ନିର୍ବାଚନ ମଣ୍ଡଳୀରେ ୨୧୫, ଭୁବନେଶ୍ୱର ମଧ ୧୮୨, ଭୁବନେଶ୍ୱର ଉତ୍ତର ୨୧୪, ଏକାମ୍ର ଭୁବନେଶ୍ୱର ୨୦୧, ଜଟଣୀ ନିର୍ବାଚନ ମଣ୍ଡଳୀରେ ୨୪୦ ଏପରି ମୋଟରେ ୧୦୫୨ ବୁଥ୍ ଥିଲା। ପୁନର୍ଗଠନ ପରେ ଭୁବନେଶ୍ୱର ସବ୍‌ଡିଭିଜନରେ ଜୟଦେବ ନିର୍ବାଚନ ମଣ୍ଡଳୀରେ ୨୩୭, ଭୁବନେଶ୍ୱର ମଧ ୧୯୮, ଭୁବନେଶ୍ୱର ଉତ୍ତର ୨୪୩, ଏକାମ୍ର ଭୁବନେଶ୍ୱର ୨୨୭, ଜଟଣୀ ନିର୍ବାଚନ ମଣ୍ଡଳୀରେ ୨୫୮ ଏପରି ମୋଟରେ ୧୧୬୩ ବୁଥ୍ ହୋଇଛି। ପ୍ରକାଶଥାଉ କି ୨୦୧୯ ଜାନୁୟାରୀ ୧କୁ ଯୋଗ୍ୟତା ତାରିଖ ଧରାଯାଇ ସେହି ସମୟକୁ ଯେଉଁ ଭୋଟରଙ୍କ ବୟସ ୧୮ ବର୍ଷ ବା ତଦୂର୍ଦ୍ଧ୍ୱ ହୋଇଥିବ ସେମାନେ ଭୋଟର ତାଲିକାରେ ନାମ ଦରଜ ପାଇଁ ଆବେଦନ କରି ପାରିବେ। ସେହିପରି, ମୃତ, ବିବାହ, ସ୍ଥାନାନ୍ତର ଇତ୍ୟାଦି କ୍ଷେତ୍ରରେ ବହୁ ଭୋଟର ତାଲିକା ବା କାର୍ଡରେ ତ୍ରୁଟି କ୍ଷେତ୍ରରେ ସଂଶୋଧନ ପାଇଁ ଆବଶ୍ୟକ ଫର୍ମ ମାଧ୍ୟମରେ ଆବେଦନ କରାଯାଇ ପାରିବ। ସେପ୍ଟେମ୍ବର ୧ରୁ ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ଆରମ୍ଭ ହୋଇଛି। ଅକ୍ଟୋବର ୩୧ ପର୍ଯ୍ୟନ୍ତ ଏହା ଚାଲୁ ରହିବ। ଆବେଦନକାରୀଙ୍କ ଦାବି ଓ ଆପତ୍ତିର ଫଏସଲା ନଭେମ୍ବର ୩୦ ମଧ୍ୟରେ କରାଯାଇ ଚୂଡାନ୍ତ ଭୋଟର ତାଲିକା ୨୦୧୯ ଜାନୁୟାରୀ ୪ ରେ ପ୍ରକାଶ ପାଇବ। ରାଜନୈତିକ ଦଳ ଏଜେଣ୍ଟ ନିଯୁକ୍ତି କରିପାରିବେ ବୋଲି ଜିଲାପାଳ ନିର୍ମଳ ଚନ୍ଦ୍ର ମିଶ୍ର ସୂଚନା ଦେଇଛନ୍ତି। ଏଥିରେ ଖୋର୍ଦ୍ଧା ଉପଜିଲାପାଳ ସରୋଜ ସାହୁ, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୁରଜିତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଟ୍ରକ୍ ଧକ୍କାରେ ଯୁବକ ମୃତ, ରାସ୍ତାରୋକୋ

**ବାରଙ୍ଗ,୩।୯(ଡି.ଏନ୍.ଏ.)**

ବାରଙ୍ଗ ଥାନା ସମ୍ମୁଖରେ ସୋମବାର ରାତିରେ ଦଶଚକିଆ ଟ୍ରକ ଧକ୍କାରେ ସ୍ଥାନୀୟ ଫୁଲପୋଖରୀ ଗ୍ରାମର ବିନୋଦ ସାହୁ (୩୦)ଙ୍କ ମୃତ୍ୟୁ ଘଟିଛି। ବିନୋଦ ରାସ୍ତା ଅତିକ୍ରମ କରୁଥିବା ବେଳେ ପଛପଟୁ ଆସୁଥିବା ଟ୍ରକ(ନଂ. ୟୁପି୨୧-ଏଏନ୍-୫୮୩୨) ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ତଳେ ପଡ଼ିଯିବାରୁ ଟ୍ରକ ଚକ ତାଙ୍କ ଉପରେ ଚଢ଼ିଯାଇଥିଲା। ଦୁର୍ଘଟଣା ପରେ ଚାଳକ ଗାଡ଼ି ଛାଡ଼ି ଫେରାଇ ଯାଇଥିଲେ। ପୋଲିସ ପହଞ୍ଚି ବିନୋଦଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ନିମନ୍ତେ କଟକ ବଡ଼ ମେଡିକାଲ ନେଉଥିବା ବେଳେ ବାଟରେ ମୃତ୍ୟୁ ଘଟିଥିଲା। ଖବର ପାଇ ସ୍ଥାନୀୟ ଗ୍ରାମବାସୀ ବାରଙ୍ଗ-କଟକ ମୁଖ୍ୟରାସ୍ତାକୁ ଟାୟାର ଜାଳି ଅବରୋଧ କରିଥିଲେ। ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ପୋଲିସ ପହଞ୍ଚି ବୁଝାଶୁଝା କରିବା ପରେ ରାସ୍ତାରୋକୋ ହଟିଥିଲା। ମିଳିଥିବା ସୂଚନାନୁଯାୟୀ, ସୋମବାର ସନ୍ଧ୍ୟାରେ ଏକ ଗଣ୍ଡଗୋଳ ଘଟଣାରେ ବାରଙ୍ଗ ପୋଲିସ ବିନୋଦଙ୍କୁ ଆଣି ଥାନାରେ ଅଟକ ରଖିଥିଲା। ରାତି ୮ଟାରେ ଏକ ଚୁକ୍ତିନାମାରେ ତାଙ୍କୁ ଛାଡ଼ିବା ପରେ ବିନୋଦ ଥାନାରୁ ବାହାରି ସମ୍ମୁଖ ରାସ୍ତା ଅତିକ୍ରମ କରୁଥିଲେ।





ପ୍ରୟାସ୍ ଓ ଭୁବନେଶ୍ୱର ମହାନଗର ନିଗମର ମିଳିତ ସହଯୋଗରେ ସୋମବାର ଭୁବନେଶ୍ୱର ୟୁନିଟ୍-୨ ମାର୍କେଟ୍ ବିଲ୍‌ଡିଂଠାରେ ଆରମ୍ଭ ହୋଇଥିବା ପ୍ଲାଷ୍ଟିକମୁକ୍ତ ଅଭିଯାନ।

### ■ ଡଙ୍ଗା ଚାଳକଙ୍କ ମଧ୍ୟରେ ବିବାଦ

## ଚିଲିକାରେ ଜଳପଥ ଅବରୋଧ

**ବ୍ରହ୍ମଗିରି, ୩।୯(ଡି.ଏନ୍.ଏ.)**

କୃଷ୍ଣପ୍ରସାଦ ବ୍ଲକ ମଏଁଷା ଗ୍ରାମ ଓ ଜହ୍ନିକୁଦା ଗ୍ରାମର ଡଙ୍ଗା ଚାଳକଙ୍କ ମଧ୍ୟରେ କୌଣସି କାରଣକୁ ନେଇ ବିବାଦ ହେବାରୁ ସୋମବାର ସକାଳେ ମଏଁଷା ଗ୍ରାମର ଲୋକେ ଚିଲିକା ଜଳପଥକୁ ଅବରୋଧ କରିଥିଲେ। ଫଳରେ ଦିନ ତମାମ ଚିଲିକାରେ ଡଙ୍ଗା ଚଳାଚଳ ବନ୍ଦ ରହିବା ସହ କୌଣସି ଡଙ୍ଗାକୁ ସାତପଡାରୁ ଜହ୍ନିକୁଦା ଘାଟକୁ ଛଡ଼ାଯାଇ ନ ଥିଲା। ମଏଁଷା ଗ୍ରାମର କେତେକ ବ୍ୟକ୍ତି ଚିଲିକାରେ ଘାଟ ଡଙ୍ଗା ନିଲାମ ନେଇଥିଲେ। ଏହି ଘାଟ ଡଙ୍ଗାରେ ଯାତ୍ରୀ ପରିବହନକୁ କେନ୍ଦ୍ର କରି ମଏଁଷା ଓ ଜହ୍ନିକୁଦା ଗାଁ ମଧ୍ୟରେ ବିବାଦ ହୋଇଥିଲା। ଏ ନେଇ ଥାନାରେ ମଧ୍ୟ ଅଭିଯୋଗ ହୋଇଥିଲା। ଏଥିରେ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାରୁ ମଏଁଷା ଗ୍ରାମବାସୀ ସୋମବାର ସକାଳୁ ଚିଲିକାର ଜଳପଥରେ ସମସ୍ତ ଡଙ୍ଗାକୁ ଧାଡିରେ ରଖି ଜଳପଥ ଅବରୋଧ କରିଥିଲେ। ଫଳରେ ଚିଲିକାରେ ଡଙ୍ଗା ସହିତ ସିଡିଏ କର୍ତ୍ତୃପକ୍ଷଙ୍କ ଭସାପୋଲ (ଭେସେଲ) ସେବା ବନ୍ଦ ହୋଇ ରହିଥିଲା। ସେହି ସମୟରେ ଭସାପୋଲ ଯାତ୍ରୀଙ୍କୁ ନେଇ ଜହ୍ନିକୁଦା ଘାଟକୁ ଯାଉଥିଲା। ଜଳପଥ ଅବରୋଧ ଯୋଗୁ ଦୀର୍ଘ ଦୁଇଘଣ୍ଟା ପରେ ଭସାପୋଲ ସାତପଡା ଫେରିଥିଲା। ପ୍ରଶାସନିକ ଅଧିକାରୀଙ୍କୁ ଖବର ଦିଆଯାଇଥିଲେ ହେଁ ଅଧିକାରୀମାନେ ସେଥିରେ କୌଣସି ହସ୍ତକ୍ଷେପ କରି ନ ଥିଲେ। ସେହିପରି କୃଷ୍ଣପ୍ରସାଦ ବ୍ଲକକୁ ଯାଉଥିବା ସରକାରୀ କର୍ମଚାରୀମାନେ ଡଙ୍ଗାକୁ ଅନ୍ୟ ରାସ୍ତା ଦେଇ ଗୁରୁବାଇ ନିକଟରେ ପାର ହୋଇ କାର୍ଯ୍ୟାଳୟକୁ ଯାଇଥିବା ଜଣାପଡିଛି।



ଚିଲିକାରେ ଜଳପଥ ଅବରୋଧ କରାଯାଇଛି।

### ■ ହୋମଗାର୍ଡଙ୍କ ପୁଅଙ୍କୁ ଗୁଳିମାଡ଼ ଘଟଣା

## ସୁଶାନ୍ତଙ୍କ ବୟାନକୁ ନେଇ ସନ୍ଦେହରେ ପୋଲିସ

**ଭୁବନେଶ୍ୱର, ୩।୯(ବ୍ୟୁରୋ)**

ବାଙ୍କୁଆଳ ନିକଟ ବାସୁଆଘାଇ ବ୍ରିଜ ପାଖରେ ଗୁଳିମାଡ଼ର ଶିକାର ହୋଇଥିବା ହୋମଗାର୍ଡ ପର୍ଶୁରାମ ଭୋଇଙ୍କ ପୁଅ ସୁଶାନ୍ତ କୁମାର ଭୋଇଙ୍କର ବୟାନ ରେକର୍ଡ କରିଛି ପୋଲିସ। ମାତ୍ର ସୁଶାନ୍ତଙ୍କ ବୟାନକୁ ନେଇ ପୋଲିସ ସନ୍ଦେହ ପ୍ରକାଶ କରିଛି। ସୁଶାନ୍ତ କିଛି ଲୁଚାଉଥିବା ପୋଲିସ ଅନୁମାନ କରୁଛି।

ସୁଶାନ୍ତ କହିଛନ୍ତି, ମୁଁ ବୁଲିବାକୁ ବାସୁଆଘାଇ ବ୍ରିଜ୍ ନିକଟକୁ ଆସିଥିବାବେଳେ ଏକ କାରରେ ୪ ଯୁବକ ଆସି ମୋତେ ଅଟକାଇଥିଲେ। ସେମାନେ ମୋ ପର୍ସ ଛଡାଇ ନେବା ସହ ମୋ ବାଇକକୁ କାର ଭିତରେ ପୂରାଇ ନେବାକୁ ଉଦ୍ୟମ କରିଥିଲେ। କାର ଗାଡି ଭିତରେ ନ ପଶିବାରୁ ସେମାନେ ଗାଡିକୁ ଫିଙ୍ଗି ଦେଇଥିଲେ। ମୁଁ ସେମାନଙ୍କୁ ବିରୋଧ କରିବା ସମୟରେ ସେମାନେ ମୋତେ ଗୁଳିମାଡ କରି ଫେରାର ହୋଇଯାଇଥିଲେ। ସେମାନଙ୍କୁ ମୁଁ ଚିହ୍ନି ନାହିଁ ବୋଲି ସୁଶାନ୍ତ ପୋଲିସ ଆଗରେ କହିଛନ୍ତି। ମାତ୍ର ଏହାକୁ ପୋଲିସ ସହଜରେ ଗ୍ରହଣ କରିପାରୁ ନାହିଁ। କାରଣ ପରିବାର ଲୋକେ କହୁଛନ୍ତି, ଫୋନ କଲ ପାଇ ସୁଶାନ୍ତ ଘରୁ ବାହାରି ଆସିଥିଲେ। କେହି ତାଙ୍କୁ ଫୋନ କରି ଡକାଇବା ପରେ ତାଙ୍କୁ ହତ୍ୟା କରିବା ଉଦ୍ଦେଶ୍ୟରେ ଗୁଳିମାଡ କରିଥିଲେ। ସୁଶାନ୍ତ ଓ ପରିବାର ଲୋକଙ୍କ କଥାରେ ତାଳମେଳ ରହୁ ନ ଥିବାରୁ ପୋଲିସ ଦ୍ୱନ୍ଦ୍ୱରେ ପଡ଼ିଛି।

ପୋଲିସ କମିଶନର ସତ୍ୟଜିତ୍ ମହାନ୍ତି କହିଛନ୍ତି, ସୁଶାନ୍ତଙ୍କୁ କେହି ଜୀବନରୁ ମାରିଦେବା ଉଦ୍ଦେଶ୍ୟରେ ଗୁଳିମାଡ କରିଥିଲେ। ଏହାସହ ତାଙ୍କ ଶରୀରକୁ ଛୁରିରେ ଭୁସା ଯାଇଥିବା ମେଡିକାଲ ରିପୋର୍ଟରୁ ଜଣାପଡିଛି। ଶହୀଦନଗର ଥାନା, ଧଉଳି ଥାନା, ଏୟାରଫିଲ୍ଡ ଥାନା ସମେତ ସ୍ପେଶାଲ ସ୍କ୍ୱାଡ୍ ଘଟଣାର ତଦନ୍ତ କରୁଛି। ସୁଶାନ୍ତଙ୍କ ସିଡିଆର ଆଧାରରେ ତଦନ୍ତ କରାଯାଉଛି। ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ। ଶହୀଦନଗର ଥାନା ଅଧିକାରୀ ପଦ୍ମନାଭ ପ୍ରଧାନ କହିଛନ୍ତି, ସୋମବାର ସୁଶାନ୍ତଙ୍କର ବୟାନ ରେକର୍ଡ କରାଯାଇଛି। ସେ ମିଛ କହୁଥିବା ତାଙ୍କର ବୟାନରୁ ସ୍ପଷ୍ଟ ହେଉଛି। ତାଙ୍କ କଲେଜର କେତେଜଣ ସାଙ୍ଗଙ୍କୁ ପଚରାଉଚରା କରୁଛୁ।

ରବିବାର ଅପରାହ୍ନରେ ସୁଶାନ୍ତ ବାଙ୍କୁଆଳ ଓଭରବ୍ରିଜ୍ ଦେଇ ଯାଉଥିବା ବେଳେ ୪ ଯୁବକ ଏକ କାରରେ ଆସି ତାଙ୍କୁ ଅଟକାଇଥିଲେ। ଏହା ପରେ ତାଙ୍କ ପର୍ସ ଓ ବାଇକ୍ ଛଡ଼ାଇନେବାକୁ ଉଦ୍ୟମ କରିବା ସହ ଗୁଳିମାଡ଼ କରିଥିଲେ। ଅସ୍ତ୍ରୋପଚାର ଦ୍ୱାରା ସୁଶାନ୍ତଙ୍କ ଶରୀରରୁ ୨ଟି ଗୁଳି ବାହାର କରାଯାଇଥିବାବେଳେ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସୁଥିବା ସୂଚନା ମିଳିଛି।

## ଷଣ୍ଢ ପେଟରୁ ବାହାରିଲା ୫୦ କେଜି ଜରି

**ଭୁବନେଶ୍ୱର, ୩।୯(ବ୍ୟୁରୋ)**

ପ୍ଲାଷ୍ଟିକ ଓ ଜରିକୁ ବ୍ୟବହାର ପରେ ଏଣେତେଣେ ଫିଙ୍ଗି ଦିଆଯାଉଛି। ପରିବେଷ ଦୂଷିତ ହେବା ସହ ଅନେକ ଜୀବଜନ୍ତୁ ମୃତ୍ୟୁମୁଖରେ ପଡୁଛନ୍ତି। ଘଟଣାକ୍ରମରେ ଏକ ଅସୁସ୍ଥ ଷଣ୍ଢ ପେଟରୁ ୫୦ କେଜି ଓଜନର ଜରି ବାହାରିଛି। ଫଳରେ ଷଣ୍ଢଟି ଏକପ୍ରକାର ବିପଦରୁ ବର୍ତ୍ତିଯାଇଛି। ଉକ୍ତ ଷଣ୍ଢଟି ଦୁଇଦିନ ତଳେ ଧଉଳି ଥାନା ଶିଶୁପାଳଗଡ଼ ଗଡ଼ବେଣାବାଟୀ ତାରିଣୀ ମନ୍ଦିର ନିକଟରେ ଶୋଇଥିଲା। ଅନ୍ୟ ଏକ ଷଣ୍ଢ ଆସି ତା'ର ପେଟକୁ ଭୁସି ଦେଇଥିଲା। ଫଳରେ ଉକ୍ତ ଷଣ୍ଢ ପେଟରେ ବଡ଼ କ୍ଷତ ହେବାରୁ ସେ ଯନ୍ତ୍ରଣାରେ ଛଟପଟ ହେଉଥିଲା। ସ୍ଥାନୀୟ କେତେଜଣ ଯୁବକ ପ୍ରାଣୀ ଚିକିତ୍ସକଙ୍କୁ ଡାକି ଚିକିତ୍ସା କରିଥିଲେ। ସୋମବାର ସନ୍ଧ୍ୟାରେ ଅପରେଶନ ପରେ ଷଣ୍ଢ ପେଟରୁ ୫୦କେଜିରୁ ଅଧିକ ପ୍ଲାଷ୍ଟିକ ଓ ଜରି ବାହାରିଥିଲା।

# ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ମଙ୍ଗଳବାର, ସେପ୍ଟେମ୍ବର ୪/୨୦୧୮ Bhubaneswar, Tuesday, September 4/ 2018


## 'ପ୍ଲାଷ୍ଟିକ ଫ୍ରି ଓଡ଼ିଶା' ଅଭିଯାନ




ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର 'ପ୍ଲାଷ୍ଟିକ ଫ୍ରି ଓଡ଼ିଶା' ଅଭିଯାନରେ ସାମିଲ ହୋଇଥିବା ପୁରୀ ବଳଗଣ୍ଡି ହାଇସ୍କୁଲର ଛାତ୍ରୀଛାତ୍ର ଏବଂ ଶିକ୍ଷକମାନେ।

## ପ୍ଲାଷ୍ଟିକ ବର୍ଜନ ଆହ୍ୱାନ ଦେଲେ ଛାତ୍ରୀଛାତ୍ର

ପୁରୀ ଅଫିସ,୩।୯

ଘୋଡ଼ାବଜାର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରୀଛାତ୍ରମାନେ 'ପ୍ଲାଷ୍ଟିକ ମୁକ୍ତ ଓଡ଼ିଶା' ପାଇଁ ସଚେତନତା ବାର୍ତ୍ତା ଦେଇଛନ୍ତି। ରାଧାକୃଷ୍ଣ ବେଶଧାରୀ ଶତାଧିକ କୁନି କୁନି ଭଉଣୀ ଭାଇ, ଗୁରୁମା, ଗୁରୁଜୀ, ଶିଶୁ ମନ୍ଦିର ପରିଚାଳନା କମିଟି ସଦସ୍ୟମାନେ ପୃଥକ୍ ଭାବେ ପ୍ଲାଷ୍ଟିକ ମୁକ୍ତ ଓଡ଼ିଶା ଲାଗି ସ୍ଲୋଗାନ ଦେବା ସହ 'ପଲିଥିନ୍ କୁ ନା' କହି ଉପସ୍ଥିତ ଥିବା ଅଭିଭାବକ ଓ ପରିବାର ସଦସ୍ୟଙ୍କୁ ସଚେତନ କରିଥିଲେ। ଶ୍ରୀକୃଷ୍ଣ ଓ ରାଧାଙ୍କ ଏହା ଉପଦେଶ ଭାବି ଅଧିକାଂଶ ଅଭିଭାବକ ଏଥିପ୍ରତି ସଚେତନ ହେବେ ବୋଲି ଗଣମାଧ୍ୟମକୁ କହିଥିଲେ। ଏହି ଅବସରରେ ଶିଶୁ ମନ୍ଦିର ପ୍ରଧାନାଚାର୍ଯ୍ୟ ଅରବିନ୍ଦ ଦାସ କହିଲେ ଯେ, ଆମ ବିଦ୍ୟାଳୟକୁ ପ୍ଲାଷ୍ଟିକ ଓ ପଲିଥିନ ମୁକ୍ତ ଲାଗି ଅଭିଯାନ ଆରମ୍ଭ ହୋଇଛି। ପିଲାଙ୍କୁ ପଲିଥିନରେ ଗରମ ଖାଦ୍ୟ ନ ଆଣିବା ଲାଗି କୁହାଯାଉଛି। ପିଲାଙ୍କୁ ପ୍ଲାଷ୍ଟିକରେ ଖାଦ୍ୟ ପଦାର୍ଥ ଦେବା ପରିବର୍ତ୍ତେ ଟିଫିନ ବାକ୍ସରେ ଦେବା ଲାଗି ଅଭିଭାବକ ମାନଙ୍କୁ ଅନୁରୋଧ କରାଯାଉଛି। ପିଲାଙ୍କୁ କ୍ଲାସରୁମ, ପ୍ରାର୍ଥନା ସମୟରେ ସଚେତନ କରାଯିବା। ଆଗକୁ ଆମ ବିଦ୍ୟାଳୟ ଯେପରି ପ୍ଲାଷ୍ଟିକ ଓ ପଲିଥିନ ମୁକ୍ତ ହୋଇପାରିବ ସେନେଇ ପ୍ରଚେଷ୍ଟା କରାଯିବ।

## ସାମିଲ୍ ହେଲେ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ

ପୁରୀ ଅଫିସ,୩।୯

ଧରିତ୍ରୀ ଓ ଓଡ଼ିଶା ପୋଷ୍ଟ ପକ୍ଷରୁ ଚାଲିଥିବା 'ପ୍ଲାଷ୍ଟିକ ଫ୍ରି ଓଡ଼ିଶା' ଅଭିଯାନ ଏକ ଜନ ଆନ୍ଦୋଳନରେ ପରିଣତ ହୋଇଛି। ଏହି ଅଭିଯାନ ପ୍ରତି ଜନସାଧାରଣଙ୍କ ଆଗ୍ରହ ବୃଦ୍ଧି ପାଇଛି। ଧିରେ ଧିରେ ଏହି ଅଭିଯାନରେ ସାମିଲ ହେଉଛନ୍ତି ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର, ଶିକ୍ଷକ, କର୍ମଚାରୀ, ଅଭିଭାବକ, ବ୍ୟବସାୟୀ ଓ ସାଧାରଣ ଲୋକ। ସୋମବାର ବଳଗଣ୍ଡି ହାଇସ୍କୁଲର ଶତାଧିକ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ 'ପଲିଥିନକୁ ନା' ସ୍ଲୋଗାନ ଦେବା ସହ 'ପ୍ଲାଷ୍ଟିକ ମୁକ୍ତ ଓଡ଼ିଶା ଅଭିଯାନ'କୁ ସ୍ୱାଗତ କରିଥିଲେ। ଏଥିସହ ଏ ସଂକ୍ରାନ୍ତରେ ସଚେତନତା ସୃଷ୍ଟି କରିଥିଲେ। ପ୍ରଥମେ ହାଇସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ସ୍ମୃତିଲତା ମିଶ୍ର ପିଲାଙ୍କୁ ପ୍ଲାଷ୍ଟିକ ଓ ପଲିଥିନ ବ୍ୟବହାରର କୁପ୍ରଭାବ ଉପରେ ବୁଝାଇଥିଲେ। ସେ କହିଲେ, ଆମେ ପ୍ଲାଷ୍ଟିକ ଓ ପଲିଥିନ ମୋହରେ ପଡିଯାଇଛୁ। ଖାଦ୍ୟ ପଦାର୍ଥଠାରୁ ଆରମ୍ଭ କରି ବିଭିନ୍ନ ସାମଗ୍ରୀ ନେବା ଆଣିବା ପାଇଁ ପଲିଥିନ ଉପରେ ନିର୍ଭର କରୁଛୁ। ପରେ ଆମେ ଏହାକୁ ନାଳ, ନର୍ଦ୍ଦମା ଏବଂ ରାସ୍ତାଘାଟରେ ଫିଙ୍ଗିଦେଉଛୁ। ଫଳରେ ଏଥିଯୋଗୁ ପରିବେଶ ପ୍ରଦୂଷଣ ହେବା ସହ ନାନା ସମସ୍ୟା ସୃଷ୍ଟି କରୁଛି। ଏଥିପ୍ରତି ଆମେ ସଚେତନ ହେବା ଜରୁରୀ। ଆଜିଠାରୁ ଆମେ ଚେଷ୍ଟା କରିବା, ସ୍କୁଲ୍‌କୁ କୌଣସି ଖାଦ୍ୟ ପଦାର୍ଥ ପଲିଥିନ ଅଥବା ପ୍ଲାଷ୍ଟିକ ବାକ୍ସରେ ଆଣିବା ନାହିଁ। ଏଥିପ୍ରତି ଆମେ ସଚେତନ ହେଲେ, ସମାଜରେ ଏକ ବିରାଟ ପରିବର୍ତ୍ତନ ଆସିପାରିବ ବୋଲି ପ୍ରଧାନଶିକ୍ଷୟିତ୍ରୀ ମିଶ୍ର କହିଥିଲେ। ଏହି ଅଭିଯାନରେ ଶିକ୍ଷୟିତ୍ରୀ ସବିତା ମହାପାତ୍ର, ମିନାକ୍ଷୀ ମିଶ୍ର, ଶିକ୍ଷକ ଆଲାମ ମହମ୍ମଦ, ରାକେଶ ଜେନା, ସୁରେନ୍ଦ୍ର ନାୟକଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ,ଶିକ୍ଷକ, ଛାତ୍ରୀଛାତ୍ର, କର୍ମଚାରୀ ସାମିଲ ହୋଇଥିଲେ।




ପ୍ଲାଷ୍ଟିକ ବର୍ଜନ ଆହ୍ୱାନ ଦେଉଛନ୍ତି ପୁରୀ ଘୋଡ଼ାବଜାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରୀଛାତ୍ରମାନେ।




ତୈଳଦର ବୃଦ୍ଧି ପ୍ରତିବାଦରେ ଛାତ୍ର କଂଗ୍ରେସ ପକ୍ଷରୁ ସୋମବାର ମାଷ୍ଟରକ୍ୟାଣ୍ଟିନ ଛକରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ତୈଳଦର ବୃଦ୍ଧି ପ୍ରତିବାଦରେ ଛାତ୍ର କଂଗ୍ରେସର ବିକ୍ଷୋଭ

ଭୁବନେଶ୍ୱର, ୩।୯(ବ୍ୟୁରୋ)

ତୈଳଦର ବୃଦ୍ଧି ପ୍ରତିବାଦରେ ସୋମବାର ଛାତ୍ର କଂଗ୍ରେସ ଆନ୍ଦୋଳନକୁ ଓହ୍ଲାଇଥିଲା। ବିଭିନ୍ନ ସ୍ଥାନରେ ବିକ୍ଷୋଭ, ଶୋଭାଯାତ୍ରା ଓ କୁଶପୁତ୍ତଳିକା ଦାହ କରାଯାଇଥିଲା। ଏହି ଆନ୍ଦୋଳନରେ ସାମିଲ୍ ହୋଇଥିଲେ ପ୍ରଦେଶ ଛାତ୍ର କଂଗ୍ରେସର ନବନିଯୁକ୍ତ ସମନ୍ୱୟ କମିଟି ସଭ୍ୟ ୟାସିର ନୱାଜ। ପୂର୍ବାହ୍ନରେ ୟାସିର ଏୟାରପୋର୍ଟରେ ପହଞ୍ଚିବା ପରେ ତାଙ୍କ ନେତୃତ୍ୱରେ ଏକ ବିଶାଳ ରାଲି ମାଷ୍ଟରକ୍ୟାଣ୍ଟିନ ଛକସ୍ଥିତ କଂଗ୍ରେସ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆସିଥିଲା। କଂଗ୍ରେସ ଭବନରେ ନୱାଜଙ୍କୁ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ସମ୍ବର୍ଦ୍ଧିତ କରିଥିଲେ। ପରେ ୟାସିରଙ୍କ ନେତୃତ୍ୱରେ ଶତାଧିକ ଯୁବ ଓ ଛାତ୍ର ନେତା ମାଷ୍ଟରକ୍ୟାଣ୍ଟିନ ଛକରେ ଏକତ୍ରିତ ହୋଇ ତୈଳ ଦର ବୃଦ୍ଧିର ଦୃଢ଼ ପ୍ରତିବାଦ କରିଥିଲେ। ସେଠାରେ ଛାତ୍ର କଂଗ୍ରେସ ପକ୍ଷରୁ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା।

**ସାମିଲ୍ ହେଲେ ୟାସିର ନୱାଜ**

ଏହି ଅବସରରେ ୟାସିର କହିଛନ୍ତି, କଂଗ୍ରେସ ସରକାର ସମୟରେ ତୈଳଦର ସାମାନ୍ୟ ବୃଦ୍ଧି ହେବାକୁ ନେଇ ଭାଜପା ରାଜରାସ୍ତାରେ ଚିତ୍କାର କରୁଥିଲା। ବିଜେଡି ମଧ୍ୟ ଭାଜପା ସହ ସ୍ୱର ମିଶାଇ କୁମ୍ଭୀର କାନ୍ଦଣା କାନ୍ଦୁଥିଲା। ବର୍ତ୍ତମାନ ତୈଳଦର ଆକାଶଛୁଆଁ ଓ ସମ୍ପୂର୍ଣ୍ଣ ଅନିୟନ୍ତ୍ରିତ। ବିଜେଡି ଚୁପ୍ ବସିଥିବାବେଳେ କେନ୍ଦ୍ରମନ୍ତ୍ରୀ ନିଜକୁ ଅସହାୟ ବୋଲି କହୁଛନ୍ତି। ଗୋଟିଏ ପଟରେ ତୈଳଦର ବୃଦ୍ଧି ପାଉଥିବା ବେଳେ କେଉଁ ଆଧାରରେ ପେଟ୍ରୋଲ ପମ୍ପରେ ମୋଦିଙ୍କ ଫଟୋ ଲଗାଯାଇଛି ବୋଲି ୟାସିର ପ୍ରଶ୍ନ କରିଛନ୍ତି। ଆଗାମୀ ଦିନରେ ଛାତ୍ର କଂଗ୍ରେସ ପକ୍ଷରୁ ଆନ୍ଦୋଳନକୁ ଆହୁରି ତୀବ୍ରତର କରାଯିବ ବୋଲି ସେ କହିଛନ୍ତି।

■ ୫୦ହଜାର ଟଙ୍କା ଲାଞ୍ଚ

## ଜଟଣୀ ଆଇଆଇସି ଗିରଫ

କଟକ ଅଫିସ/ଜଟଣୀ, ୩।୯(ଡି.ଏନ.ଏ.)

୫୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ସୋମବାର ସନ୍ଧ୍ୟାରେ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଛନ୍ତି ଜଟଣୀ ଥାନା ଆଇଆଇସି ସଞ୍ଜୀବ ମହାନ୍ତି। ଥାନା ଅଞ୍ଚଳର ସୁନୀଲ କୁମାର ମଙ୍ଗରାଜଙ୍କଠାରୁ ଆଇଆଇସି ମହାନ୍ତି ଏହି ଲାଞ୍ଚ ଗ୍ରହଣ କରୁଥିଲେ। ସୁନୀଲଙ୍କ ବିରୋଧରେ ଆଇଆଇସି ମହାନ୍ତି ପୂର୍ବରୁ ଥାନାରେ କେତେକ ସଙ୍ଗିନ ଦଫାରେ ମାମଲା ରୁଜୁ କରିଥିଲେ। ଏହିସବୁ ମାମଲାରେ ତାଙ୍କୁ ଗିରଫ ନ କରିବାକୁ ସେ ଏହି ଲାଞ୍ଚ ଦାବି କରିଥିଲେ। ଏ ସମ୍ପର୍କରେ ସୁନୀଲ ଭିଜିଲାନ୍ସରେ ଅଭିଯୋଗ କରିବା ପରେ ଭିଜିଲାନ୍ସ ସେଲ୍ ଡିଏସ୍‌ପି ପି.କେ. ନାୟକଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଆଇଆଇସିଙ୍କୁ ଧରିବା ପାଇଁ ଜାଲ ବିଛାଇଥିଲା। ଥାନା ପରିସରରେ ସୁନୀଲଙ୍କଠାରୁ ଆଇଆଇସି ମହାନ୍ତି ଦାବି ମୁତାବକ ୫୦ହଜାର ଟଙ୍କା ଗ୍ରହଣ କରୁଥିବା ବେଳେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ କାବୁ କରିଥିଲେ। ଏହାପରେ ଆଇଆଇସି ମହାନ୍ତିଙ୍କ ଥାନା ପରିସରରେ ଥିବା ସରକାରୀ କ୍ୱାର୍ଟର୍ସକୁ ଭିଜିଲାନ୍ସ ଟିମ୍ ତନଖି କରିଥିଲା। ସେଠାରୁ ୫ ଲକ୍ଷରୁ ଊର୍ଦ୍ଧ୍ୱ ନଗଦ ଟଙ୍କା ମିଳିଥିବା ଭିଜିଲାନ୍ସ ଡିଏସ୍‌ପି ନିର୍ମଳ ମହାନ୍ତିଙ୍କଠାରୁ ଜଣାପଡ଼ିଛି। ସେହିପରି ମହାନ୍ତିଙ୍କ ଅଫିସ୍ ଚ୍ୟାମ୍ବରରେ ଥିବା ଟେବୁଲ ଡ୍ରୟରରୁ ୯୩ ହଜାର ଟଙ୍କା ମିଳିଥିବା ଭିଜିଲାନ୍ସ ଡିଏସ୍‌ପି ପି.କେ. ନାୟକ କହିଛନ୍ତି। ଭିଜିଲାନ୍ସ ସେଲ୍ ଏସ୍‌ପି ଏମ୍. ରାଧାକ୍ରିଷ୍ଣ କହିଛନ୍ତି ଯେ, ଆଇଆଇସି ମହାନ୍ତିଙ୍କ ସମ୍ପର୍କରେ ଅଧିକ ଖୋଳତାଡ଼ ଚାଲିଛି। ମଙ୍ଗଳବାର ଏ ସମ୍ପର୍କରେ ଅଧିକ ତଥ୍ୟ ଦିଆଯିବ ବୋଲି ସେ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଆଇଆଇସି ମହାନ୍ତିଙ୍କୁ ଭିଜିଲାନ୍ସ ଟିମ୍ ଗିରଫ କରି ନେବାବେଳେ ଥାନା ପରିସରରେ ଉତ୍ତେଜନା ପ୍ରକାଶ ପାଇଥିଲା। ସ୍ଥାନୀୟ କିଛି ଲୋକ ଆଇଆଇସି ମହାନ୍ତିଙ୍କ ବିରୋଧରେ ନାରାବାଜି କରିବା ସହ ତାଙ୍କୁ ଆକ୍ରମଣ କରିବାକୁ ଉଦ୍ୟମ କରିଥିଲେ। ଏସିପି ପି.କେ. ରାଉତ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ।



ଆଇଆଇସି ସଞ୍ଜୀବ ମହାନ୍ତି।

■ ସରକାରୀ କ୍ୱାର୍ଟର୍ସରୁ ମିଳିଲା ୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା

## ଯୁବକଙ୍କୁ ହତ୍ୟା, ବୋମାମାଡ଼

ବଡ଼ମ୍ବା,୩।୯(ଡି.ଏନ.ଏ.)

**ମାଣିଆ ବନ୍ଧରେ ଗୋଷ୍ଠୀ ସଂଘର୍ଷ**

■ ହୋମଗାର୍ଡଙ୍କ ସମେତ ୪ ଅଟକ

■ ପୋଲିସ ଦତନ୍ତ ଜାରି

କଟକ ଜିଲା ବଡ଼ମ୍ବା ବ୍ଲକ ଅଧୀନ ମାଣିଆବନ୍ଧ ଫାଣ୍ଡି ଅଞ୍ଚଳରେ ରବିବାର ସନ୍ଧ୍ୟାରେ ଗୋଷ୍ଠୀ ସଂଘର୍ଷ ଘଟିଥିବାବେଳେ ବିଳମ୍ବିତ ରାତିରେ ବିକାଶ ସାହୁ(୨୬) ନାମକ ଜଣେ ଯୁବକଙ୍କୁ ହତ୍ୟା କରାଯାଇଥିଲା। ବିକାଶଙ୍କ ଘର ଡିଗିରିଆ ଥାନା ବିନ୍ଧାଣିମା ଗ୍ରାମରେ। ସେହିପରି ବୋମାମାଡ଼ ଯୋଗୁ ବିନ୍ଧାଣିମାର ଇନ୍ଦ୍ରମଣି ସିଂ(୨୮) ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି। ବିକାଶଙ୍କ ବାପା ମାଣିଆବନ୍ଧ ଫାଣ୍ଡିରେ ହତ୍ୟା ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ପ୍ରାଥମିକ ତଦନ୍ତ କରି ସୋମବାର ୪ଜଣଙ୍କୁ ଅଟକ ରଖିଛି। ସେମାନଙ୍କ ମଧ୍ୟରେ ମାଣିଆବନ୍ଧ ଫାଣ୍ଡିର ଜଣେ ହୋମଗାର୍ଡ ରହିଥିବା ଜଣାପଡ଼ିଛି। ଘଟଣାର ତଦନ୍ତ ଜାରି ରହିଥିବା ଫାଣ୍ଡି ଅଧିକାରୀ ବସନ୍ତ ଶତପଥୀ ସୂଚନା ଦେଇଛନ୍ତି। ଆକ୍ରମଣ ଘଟଣାର ମୁଖ୍ୟ ଅଭିଯୁକ୍ତ ମାଣିଆବନ୍ଧ ସନ୍ତରାବାଳି ସାହିର ଶ୍ରୀକାନ୍ତ ଜେନା ଓରଫ କାଳିଆ ଫେରାର ହୋଇଯାଇଛନ୍ତି।

ସୂଚନା ଅନୁସାରେ, ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ରବିବାର ସନ୍ଧ୍ୟାରେ ଡିଗିରିଆ ଥାନା ଅଧୀନ ନୂଆପାଟଣା ହାଟ ବଜାରରେ ସନ୍ତରାବାଳି ସାହିର କେତେଜଣ ଯୁବକଙ୍କ ସହ ବିନ୍ଧାଣିମା ଗ୍ରାମର କେତେଜଣ ଯୁବକଙ୍କ ମଧ୍ୟରେ ବଚସା ହୋଇଥିଲା। ଏହାର କିଛି ସମୟରେ ବିନ୍ଧାଣିମାର କିଛି ଯୁବକ ମାଣିଆବନ୍ଧ ଆଡ଼କୁ ବୁଲେଟ୍ ଏବଂ ସ୍କୁଟି ଯୋଗେ ଆସିଥିଲେ। ସେମାନଙ୍କୁ ମାଣିଆବନ୍ଧ ଫାଣ୍ଡି ନିକଟ ବୁଲାଣିରେ ସନ୍ତରାବାଳି ସାହିର ଯୁବକମାନେ ଆକ୍ରମଣ କରିଥିଲେ। ଏତିକି ବେଳେ ବୋମାମାଡ଼ କରାଯିବାରୁ ଇନ୍ଦ୍ରମଣିଙ୍କ ଶରୀରରେ ଗଭୀର କ୍ଷତ ସୃଷ୍ଟି ହୋଇଥିଲା। ଇନ୍ଦ୍ରମଣିଙ୍କ ସାଥିରେ ଥିବା ବିକାଶଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରାଯାଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଖବରପାଇ ପୋଲିସ ଗୁରୁତର ଇନ୍ଦ୍ରମଣିଙ୍କୁ ଉଦ୍ଧାର କରି ମାଣିଆବନ୍ଧ ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ପରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡ଼ ମେଡିକାଲକୁ ପଠାଇ ଦିଆଯାଇଥିଲା। ଏହାପରେ ଘଟଣାସ୍ଥଳରୁ ପୋଲିସ ବିକାଶଙ୍କ ମୃତଦେହ ସହ ଏକ ସ୍କୁଟି ଏବଂ ଏକ ନମ୍ବର ବିହିନ ବୁଲେଟ ଜବତ କରିଛି। ଅନ୍ୟପକ୍ଷରେ ଅଞ୍ଚଳରେ ଚୋରା ଗଞ୍ଜେଇ ବେପାରୀ ସକ୍ରିୟ ହୋଇ ଉଠିଥିବା ଏବଂ ଦୁଇ ଗଞ୍ଜେଇ ବେପାରୀ ଗୋଷ୍ଠୀ ମଧ୍ୟରେ ହଠାତ୍ ବଚସାକୁ କେନ୍ଦ୍ରକରି ଏହି ହତ୍ୟାକାଣ୍ଡ ଓ ବୋମାମାଡ଼ ଘଟଣା ଘଟିଥିବା ଚର୍ଚ୍ଚା ହେଉଛି। ଘଟଣାକୁ ନେଇ ବଡ଼ମ୍ବା ଥାନରେ ଏକ ମାମଲା (ନଂ-୧୪୮/୧୮) ରୁଜୁ ହୋଇଛି। ବଡ଼ମ୍ବା ଥାନା ଆଇଆଇସି ସସ୍ମିତା ରଣା, ନରସିଂହପୁର ଥାନା ଆଇଆଇସି ନିହାରରଞ୍ଜନ ମହାନ୍ତି, ଆଠଗଡ଼ ଉପଖଣ୍ଡର ବହୁ ପୋଲିସ ଅଧିକାରୀ ଓ ଏସଡିପିଓ ପ୍ରକାଶ ଚନ୍ଦ୍ର ପାଲ ମିଳିତଭାବେ ଘଟଣାର ତଦନ୍ତ ଚଳାଇଛନ୍ତି। ସୋମବାର କଟକ ଜିଲା ଅତିରିକ୍ତ ଆରକ୍ଷୀ ଅଧିକାରୀ (ଗ୍ରାମାଞ୍ଚଳ)କୃତ୍ତିବାସ ଜେନାଙ୍କ ଉପସ୍ଥିତିରେ ସାଇଣ୍ଟିଫିକ ଦଳ ଘଟଣାସ୍ଥଳ ପରିଦର୍ଶନ କରି ବିଭିନ୍ନ ନମୁନା ସଂଗ୍ରହ କରିଛି। ଏସଡିପିଓ ପାଲ କହିଛନ୍ତି, ପ୍ରାଥମିକ ତଦନ୍ତରୁ ଏହା ଏକ ହତ୍ୟାକାଣ୍ଡ ବୋଲି ଜଣାପଡୁଛି। ପୋଲିସ ଘଟଣାର ତଦନ୍ତ ଜାରି ରଖିଛି। ଖୁବ୍‌ଶୀଘ୍ର ଏହାର ପର୍ଦ୍ଦାଫାଶ କରାଯିବ।

## ହାଇକୋର୍ଟଙ୍କ ରହିତାଦେଶ ସତ୍ତ୍ୱେ ରାଜ୍ୟ ଶିକ୍ଷକ ପୁରସ୍କାର ଉତ୍ସବ

**କଟକ ଅଫିସ, ୩।୯:** ସେପ୍ଟେମ୍ବର ୫ ଗୁରୁଦିବସ ଅବସରରେ ସରକାର ରାଜ୍ୟସ୍ତରୀୟ ଶିକ୍ଷକ ପୁରସ୍କାର ପ୍ରଦାନ କରିବେ। ଭୁବନେଶ୍ୱରର ଜୟଦେବ ଭବନଠାରେ ଏଥିନିମନ୍ତେ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ହେଲେ ଏହି ଉତ୍ସବ ପୂର୍ବରୁ ଏହାକୁ ନେଇ ବିବାଦ ଉପୁଜିଛି। ଉତ୍ସବ ଆୟୋଜନ କରି ସରକାର ହାଇକୋର୍ଟଙ୍କ ଆଦେଶର ଉଲ୍ଲଂଘନ କରିଥିବା ଭଳି ଅଭିଯୋଗ ହୋଇଛି।

ସୂଚନାଥାଉ କି, ପୂର୍ବରୁ ଅର୍ଥାତ୍ ୬୦ ବର୍ଷ ଧରି ଏହି ପୁରସ୍କାର ପାଇଁ ରାଜ୍ୟର ସରକାରୀ, ସରକାରୀ ସ୍ୱୀକୃତିପ୍ରାପ୍ତ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟର ଶିକ୍ଷକମାନେ ଆବେଦନ କରୁଥିଲେ। ୨୦୧୮ ମାର୍ଚ୍ଚ ୧୪ରେ ହଠାତ୍ ରାଜ୍ୟ ସରକାରଙ୍କ ପକ୍ଷରୁ ଏ ନେଇ ଏକ ସର୍କୁଲାର ଜାରି କରାଯାଇଥିଲା। ସର୍କୁଲାର ଅନୁଯାୟୀ ରାଜ୍ୟସ୍ତରୀୟ ଶିକ୍ଷକ ପୁରସ୍କାର ପାଇଁ କେବଳ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟର ଶିକ୍ଷକମାନେ ଆବେଦନ କରିପାରିବେ। ଏହାକୁ ଚ୍ୟାଲେଞ୍ଜ କରି ୨୨ ବର୍ଷ ଧରି ଶିକ୍ଷାଦାନ କରୁଥିବା ବରିଷ୍ଠ ଶିକ୍ଷକ ଗିରୀଶ ଚନ୍ଦ୍ର ତ୍ରିପାଠୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ତ୍ରିପାଠୀଙ୍କ ମାମଲାର ଶୁଣାଣି କରି ହାଇକୋର୍ଟ ୨୦୧୮ ମେ ୧୮ରେ ସରକାର ଜାରି କରିଥିବା ସର୍କୁଲାର ଉପରେ ରହିତାଦେଶ ଜାରି କରିଥିଲେ। ମାତ୍ର ହାଇକୋର୍ଟଙ୍କ ରହିତାଦେଶ ସତ୍ତ୍ୱେ ସରକାର ରାଜ୍ୟସ୍ତରୀୟ ଶିକ୍ଷକ ପୁରସ୍କାର ପ୍ରଦାନ ପାଇଁ ତତ୍ପର ହୋଇଉଠିବା ସହିତ ଗତ ଅଗଷ୍ଟ ୧ରେ ପୁରସ୍କାର ପାଇବାକୁଥିବା ଶିକ୍ଷକଙ୍କ ନାମ ତାଲିକା ଘୋଷଣା କରିଥିଲେ। ସରକାରଙ୍କ ଏଭଳି ନିଷ୍ପତ୍ତି ସମ୍ପୂର୍ଣ୍ଣ ବେଆଇନ ଏବଂ ଉଦ୍ଦେଶ୍ୟମୂଳକ ବୋଲି ଆବେଦନକାରୀ ତ୍ରିପାଠୀ କହିଛନ୍ତି।

## ୫ ବର୍ଷର ଶିଶୁଙ୍କୁ ଚେଙ୍କ

କଟକ ଅଫିସ, ୩।୯

ପାରିବାରିକ କଳହରୁ ସୋମବାର ଜଣେ ୫ବର୍ଷର ଶିଶୁଙ୍କୁ ଚେଙ୍କ ଦେଇଛି ମା'। ଏଭଳି ଅଭାବନୀୟ ଘଟଣା ଘଟିଛି କଟକ ତଳତେଲେଙ୍ଗା ବଜାର ଅଞ୍ଚଳରେ। ମିଳିଥିବା ସୂଚନା ମୁତାବକ, ଉକ୍ତ ଅଞ୍ଚଳର ଜଣେ ମହିଳା ପାରିବାରିକ କଳହକୁ ନେଇ ମାନସିକ ଅଶାନ୍ତିରେ ଥିବା ସମୟରେ ତାଙ୍କର ୫ ବର୍ଷର ଦିବ୍ୟାଙ୍ଗ ଶିଶୁ ଦୁଷ୍ଟ ହେବାରୁ ତାକୁ ଚେଙ୍କ ଦେଇଥିବା ଜଣାପଡିଛି। ମିଳିଥିବା ଫଟୋଚିତ୍ରରୁ ସ୍ପଷ୍ଟ ଜଣାପଡୁଛି ଶିଶୁଟିର ଜଂଘର କିଛି ଅଂଶ ପୋଡିଯାଇଛି। ଏହି ସମୟରେ ଘର ପାଖରେ ଥିବା ଜନୈକ ସାମାଜିକ କର୍ମୀଙ୍କ ସହାୟତାରେ ଶିଶୁର ଚିକିତ୍ସା କରାଯାଇଛି। ତେବେ ଏ ସମ୍ପର୍କରେ ଥାନାରେ ଅଭିଯୋଗ ହୋଇ ନ ଥିବା ଜଣାପଡିଛି।







1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ





## ସଂକ୍ଷେପରେ

### ଶିକ୍ଷୟିତ୍ରୀଙ୍କ ମୃତଦେହ ଉଦ୍ଧାର

**ବାଙ୍କୀ,୩।୯(ସ୍ୱ.ପ୍ର.):** ବାଙ୍କୀ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଶିକ୍ଷୟିତ୍ରୀ ବିଦ୍ୟୁଲତା ପଟ୍ଟନାୟକ( ୫୫)ଙ୍କ ମୃତଦେହ ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ସମ୍ମୁଖ ଉଆଉ ପୋଖରୀରୁ ସୋମବାର ସକାଳୁ ଉଦ୍ଧାର କରାଯାଇଛି। ପୋଖରୀରେ ମୃତଦେହ ଭାସୁଥିବା ସ୍ଥାନୀୟ ଲୋକ ଦେଖି ପୋଲିସକୁ ଖବର ଦେଇଥିଲେ। ପରେ ବାଙ୍କୀ ପୋଲିସ ପହଞ୍ଚି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହ ତାଙ୍କ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ସେ ଖମାରଙ୍ଗ ନିବାସୀ ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କର ପୂର୍ବତନ ସହ ସମ୍ପାଦକ ସ୍ୱର୍ଗତ କାଳିଚରଣ ପଟ୍ଟନାୟକଙ୍କ ଝିଅ। ତାଙ୍କର ବାହାଘର ହୋଇ ନ ଥିଲା। ମୃତ୍ୟୁର କାରଣ ଜଣା ପଡିନାହିଁ। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଜଣାପଡିବ ବୋଲି ପୋଲିସ କହିଛି। ଏ ନେଇ ବାଙ୍କୀ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ-୧୮/୧୮) ରୁଜୁ ହୋଇଛି।

### ସସ୍ମିତାଙ୍କୁ ଭେଟିଲେ ବୈଜୟନ୍ତ

**ଲଳିତଗିରି,୩।୯(ସ୍ୱ.ପ୍ର.):** ମାହାଙ୍ଗା ବ୍ଲକର ସାହସୀ ଝିଅ ସସ୍ମିତାଙ୍କୁ ସୋମବାର ପୂର୍ବତନ ଏମ୍‌ପି ବୈଜୟନ୍ତ ପଣ୍ଡା ଭେଟି କୃତଜ୍ଞତା ଜଣାଇଛନ୍ତି। ପଣ୍ଡା ହେଲିକପ୍ଟର ଯୋଗେ ଆସି ମାଣିତ୍ରି ଶନିପଡିଆଠାରେ ଅବତରଣ କରିଥିଲେ। ପରେ ବ୍ରାହ୍ମଣମଣିଯୋରୀ ଗ୍ରାମକୁ ଯାଇ ସସ୍ମିତାଙ୍କୁ ଭେଟି ସୁବିଧା ଓ ଅସୁବିଧା ସମ୍ପର୍କରେ ବୁଝିବା ସହ ସାହସୀକତା ପାଇଁ ତାଙ୍କୁ କୃତଜ୍ଞତା ଜଣାଇଥିଲେ। ସସ୍ମିତାଙ୍କୁ ଜାତୀୟ ସାହସିକତା ପୁରସ୍କାର ପ୍ରଦାନ ପାଇଁ ପଣ୍ଡା ଜାତୀୟ ସ୍ତରରେ ଆଲୋଚନା କରିବେ ବୋଲି କହିଥିଲେ। ଅନ୍ୟପକ୍ଷରେ ସସ୍ମିତାଙ୍କୁ ସରକାରୀ ସାହାଯ୍ୟ ଯୋଗାଇ ଦିଆଗଲେ ସେ ଆଗକୁ ବଢିପାରିବ ବୋଲି ପଣ୍ଡା କହିଥିଲେ। ଏଥିରେ ରୁଦ୍ର ନାରାୟଣ ସିଂହ, ସୁଶିଲ ସିଂହ, ଶୁଭେନ୍ଦୁ କର, ତନ୍ମୟ ବେହେରା, ଅଶୋକ ସିଂହ, ଶରତ ଚନ୍ଦ୍ର ମିଶ୍ର, ବାୟୁ ନନ୍ଦନ ମିଶ୍ର, ଅକ୍ଷୟ ମହାନ୍ତି, ମକର ସେଠୀ ଓ ବିଭୂତି ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ନଦୀରେ ବୁଡ଼ି ଯାଉଥିବା ଜଣେ ଯୁବତୀଙ୍କୁ ସସ୍ମିତା ପହଁରି ପହଁରି ଯାଇ ଉଦ୍ଧାର କରିଥିଲେ।

### ଜିଲାପାଳଙ୍କ ଜନଶୁଣାଣି ଶିବିର



**ଟିଗିରିଆ,୩।୯(ଡି.ଏନ.ଏ.):** କଟକ ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଶିବିର ଟିଗିରିଆ ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳଙ୍କ ଅନୁପସ୍ଥିତରେ କଟକ ଏଡିଏମ ହରିଶ ଚନ୍ଦ୍ର ନାୟକ ପ୍ରତିନିଧିତ୍ୱ କରି ଲୋକଙ୍କ ଅଭିଯୋଗ ଗୁଡ଼ିକର ଶୁଣାଣି କରିଥିଲେ। ଶିବିରରେ ମୋଟ୍ ୯୯ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିରୁ ୯୧ ବ୍ୟକ୍ତିଗତ ଏବଂ ୮ ସାମୂହିକ ରହିଥିଲା। ତତ୍କାଳ ୭୨ ଅଭିଯୋଗର ସମାଧାନ କରାଯାଇଥିଲା। ରେଡକ୍ରସ ପାଣ୍ଠିରୁ ୨ଜଣଙ୍କୁ ୫ହଜାର ଲେଖାଏ ସହାୟତା ପ୍ରଦାନ କରାଯାଇଥିଲା। ଏଥିସହ ୨ଜଣଙ୍କୁ ଭିନ୍ନକ୍ଷମ ଭତ୍ତା ଏବଂ ତିନି ଚକିଆ ସାଇକେଲ ପ୍ରଦାନ କରାଯାଇଛି। ୧୧ଜଣଙ୍କୁ ବିଧବା ଭତ୍ତା ପ୍ରଦାନ କରାଯାଇଛି। ଶିବିରରେ ଉପଜିଲାପାଳ ଅମୀୟ କୁମାର ସାହୁ, ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ସରୋଜ କୁମାର ସାମଲ, ଟିଗିରିଆ ବିଡିଓ ତଥା ତହସିଲଦାର ତପନ ଖୁଣ୍ଟିଆ, ଅତିରିକ୍ତ ତହସିଲଦାର ହେମନ୍ତ ନାୟକ ଓ ବ୍ଲକ ଅଧକ୍ଷା ରୂପା ଦଳେଇଙ୍କ ସମେତ ବ୍ଲକ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ।

### ଯୁବକ ସଂଘର ଗାଁ ସଫେଇ

**ମାହାଙ୍ଗା,୩।୯(ସ୍ୱ.ପ୍ର.):** ସୋମବାର ମାହାଙ୍ଗା ବ୍ଲକ ଚାହାପଡ଼ା ପଞ୍ଚାୟତର ଚାହାପଡା ସିବିଜି କ୍ଲବ ଆନୁକୂଲ୍ୟରେ ଗାଁ ସଫେଇ ଓ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ଏହି ଅବସରରେ ଯୁବକ ସଂଘ ପକ୍ଷରୁ ପ୍ରଥମେ ଚାହାପଡା, ଗୋବିନ୍ଦପୁର ଓ ବରଦିଆ ଗ୍ରାମକୁ ସଂଯୋଗ କରୁଥିବା ରାସ୍ତାର ଉଭୟ ପାର୍ଶ୍ୱକୁ ସଫେଇ କରାଯାଇଥିଲା। ପରେ ସ୍ୱଚ୍ଛତା ଏବଂ ନିଶା ନିବାରଣ ଉପରେ ଗ୍ରାମବାସୀମାନଙ୍କୁ ସଚେତନ କରାଯାଇଥିଲା। ଏଥିରେ କ୍ଲବର ସର୍ବେଶ୍ୱର ସେଠୀ, ଅକ୍ଷୟ ସେଠୀ, ରଞ୍ଜନ ସେଠୀ, ପ୍ରଶାନ୍ତ ସେଠୀ, ସୁଶାନ୍ତ ସେଠୀ ଓ ବାଦଲ ସେଠୀ ସମେତଙ୍କ ବହୁ ଯୁବକ ଏବଂ ଛାତ୍ର ସାମିଲ ହୋଇଥିଲେ।

## ■ କଲେଜର ଅବ୍ୟବସ୍ଥା, ପରିଚାଳନା କମିଟି ପୁନର୍ଗଠନ ନେଇ ଉଠିଲା ମତ

# ବାହ୍ୟ ହସ୍ତକ୍ଷେପକୁ ଅଞ୍ଚଳବାସୀଙ୍କ ବିରୋଧ

**ରଘୁନାଥପୁର,୩।୯(ଡି.ଏନ.ଏ.)**

ରଘୁନାଥପୁର ବ୍ଲକ ତରିକୁନ୍ଦସ୍ଥିତ ନବକୃଷ୍ଣ ଚୌଧୁରୀ ଶିକ୍ଷା ପ୍ରତିଷ୍ଠାନ ଯୁକ୍ତ ୨ ଓ ଯୁକ୍ତ ୩ କଲେଜର ଅବ୍ୟବସ୍ଥା ତଥା ପରିଚାଳନା କମିଟିର ପୁନର୍ଗଠନ ନେଇ ମତପ୍ରକାଶ ପାଇଛି। ସ୍ଥାନୀୟ ଜୟଶୋଳ କମଳା ମଣ୍ଡପରେ ବରାଗୋଳ, ଜୟଶୋଳ, ତରିକୁନ୍ଦ ଓ ରମ୍ଭାଦେଇପୁର ଚାରି ପଞ୍ଚାୟତର ଶତାଧିକ ବୁଦ୍ଧିଜୀବୀ ଏକତ୍ରିତ ହୋଇ ଖବରଦାତା ସମ୍ମିଳନୀରେ ନିଜର ପ୍ରତିକ୍ରିୟା ଉପସ୍ଥାପନ କରିଛନ୍ତି। ବିଗତଦିନରେ ମନମୁଖି ଭାବେ ଯେଉଁ ପରିଚାଳନା କମିଟି ଗଠନ କରାଯାଇ ଅନିୟମିତତା ଉପାୟରେ ନିଯୁକ୍ତି ଦିଆଯାଇଥିଲା ତାହାକୁ ବିରୋଧ କରାଯାଇଛି। ଏଥିସହ ପରିଚାଳନା କମିଟିରେ ବାହ୍ୟ ହସ୍ତକ୍ଷେପକୁ ସୋମବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଅଞ୍ଚଳବାସୀ ସମ୍ପୂର୍ଣ୍ଣ ବିରୋଧ କରିଛନ୍ତି। ଏହି ଅବସରରେ କଲେଜର ଭିତ୍ତିଭୂମି ଦିନକୁଦିନ ଶ୍ରୀହୀନ ଅବସ୍ଥାକୁ ଚାଲି ଆସିଛି। ହେଲେ ପୂର୍ବରୁ ଥିବା ପରିଚାଳନା କମିଟିର ଦାୟିତ୍ୱହୀନତା ତଥା ଅପାରଗତାକୁ ଦାୟୀ କରିଛନ୍ତି ଲୋକେ। ଅନ୍ୟପକ୍ଷରେ ତିର୍ତ୍ତୋଲ ବିଧାୟିକା କଲେଜର ସଭାପତି ଦାୟିତ୍ୱରେ ରହିଥିବାବେଳେ ସାଢେ ଚାରିବର୍ଷ ମଧ୍ୟରେ ଟଙ୍କାଟିଏ ଅନୁଦାନ ଯୋଗାଇ ନ ଦେବା ଅଞ୍ଚଳବାସୀଙ୍କୁ କ୍ଷୁବ୍ଧ କରିଥିବା ଉପସ୍ଥିତ ଜନସାଧାରଣ ମତପ୍ରକାଶ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଉପସ୍ଥିତ ବୁଦ୍ଧିଜୀବୀ, ଶିକ୍ଷାବିତ୍ ଓ ପଞ୍ଚାୟତ ପ୍ରତିନିଧିଙ୍କ ନିଷ୍ପତ୍ତିକ୍ରମେ ୪ ପଞ୍ଚାୟତର ଯୋଗ୍ୟ ବ୍ୟକ୍ତିଙ୍କୁ ନେଇ କଲେଜର ସୁପରିଚାଳନା ପାଇଁ ନବକୃଷ୍ଣ ଚୌଧୁରୀ ଆଞ୍ଚଳିକ ଉନ୍ନୟନ କମିଟି ଗଠନ କରାଯାଇଛି। ଏଥିରେ ସଭାପତି ଭାବେ ସୁବୋଧ କୁମାର ବାରିକ ଏବଂ ପ୍ରମୋଦ କୁମାର ଜେନା, କଲିମ ଉଦ୍ଦିନ୍ ଖାଁ, ଶ୍ରୀକାନ୍ତ ସ୍ୱାଇଁ, ସୁବାସ ସାହାଣୀ ଓ ପବନ କୁମାର ଭୋଇଙ୍କୁ କାର୍ଯ୍ୟକାରୀ ସଭାପତି ଭାବେ ଚୟନ କରାଯାଇଛି। ସେହିପରି ଭ୍ରମରବର ସାହୁ ଓ ଅଭିମନ୍ୟୁ ନାୟକଙ୍କୁ ସମ୍ପାଦକ ଭାବେ ମନୋନୀତ କରାଯାଇଥିଲା। ଏହାଛଡା କର୍ମକର୍ତ୍ତାମାନଙ୍କୁ ମିଶାଇ ୩୦ ଜଣିଆ କମିଟି ଗଠନ କରାଯାଇଥିଲା। ଆଗାମୀଦିନରେ ପରିଚାଳନା କମିଟି ଗଠନ ହେଉ କିମ୍ବା କଲେଜର ବିଭିନ୍ନ ସମସ୍ୟା ଉକ୍ତ ଉନ୍ନୟନ କମିଟି ମାଧ୍ୟମରେ ସମାଧାନ କରାଯିବା ପାଇଁ ସ୍ଥିର ହୋଇଥିଲା। ଏ ସମ୍ପର୍କରେ ବିଧିବଦ୍ଧ ଭାବେ ଏକ ରିଜ୍ୟୁଲେଶନ୍ କରାଯାଇ ଗଠନ ହୋଇଥିବା କମିଟି ପକ୍ଷରୁ ଏକ ଦରଖାସ୍ତ ଜିଲାପାଳ ଜଗତ୍‌ସିଂହପୁର ଏବଂ ଶିକ୍ଷା ବିଭାଗ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯିବା ପାଇଁ ନିଷ୍ପତ୍ତି ହୋଇଛି। ଏଥିସହ ସ୍ଥାନୀୟ ଅଞ୍ଚଳର ଶୁଭଚିନ୍ତକଙ୍କୁ ସହଯୋଗର ହାତ ବଢାଇ ଶିକ୍ଷାର ମାନ ବୃଦ୍ଧି କରିବାକୁ ସର୍ବସମ୍ମତିକ୍ରମେ ପ୍ରସ୍ତାବ ଗୃହୀତ ହୋଇଥିଲା। ଅପରପକ୍ଷରେ କଲେଜ ପ୍ରତି ବିଧାୟିକାଙ୍କ ଶୁଭଦୃଷ୍ଟି ନ ପଡିବାକୁ ନେଇ ଆହୃତ ବୈଠକ ଦୁଃଖ ପ୍ରକାଶ କରାଯିବା ସହ ଦୃଢ ନିନ୍ଦା କରାଯାଇଥିଲା। ବୈଠକରେ ରସାଦେଇପୁର ସରପଞ୍ଚ ଭ୍ରମରବର ସାହୁ ସଭାପତିତ୍ୱ କରିଥିବା ବେଳେ ଅର୍ଜୁନୀ ରାଉତ ଧନ୍ୟବାଦ ଦେଇଥିଲେ। ଏଥିରେ ବିଶ୍ୱଜିତ୍ ମହାନ୍ତି, ଦିଲୀପ କୁମାର ଦାସ, ଧରଣୀଧର ନାୟକ, ପବନ କୁମାର ଭୋଇ, କୈଳାସ ଚନ୍ଦ୍ର ରାୟ, କେଳୁଚରଣ ଦାସ, ବିଶ୍ୱନାଥ ମହାନ୍ତି, ପ୍ରଫୁଲ୍ଲ କୁମାର ଜେନା, ନବକିଶୋର ମଲ୍ଲିକ, ବଳରାମ ସାହୁ, ନରେନ୍ଦ୍ରନାଥ ନାୟକ, ଜୟଚନ୍ଦ୍ର ମହାନ୍ତିଙ୍କ ସମେତ ଶତାଧିକ ବ୍ୟକ୍ତି ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଉପସ୍ଥିତ ୪ ପଞ୍ଚାୟତର ବୁଦ୍ଧିଜୀବୀମାନେ।

- ■ଖବରଦାତା ସମ୍ମିଳନୀରେ ପ୍ରସ୍ତାବ ରଖିଲେ ୪ ପଞ୍ଚାୟତର ବୁଦ୍ଧିଜୀବୀ
- ■ଗଠନ କରାଗଲା ଉନ୍ନୟନ କମିଟି
- ■ସାଢେ ଚାରିବର୍ଷରେ ବିଧାୟିକାଙ୍କଠାରୁ ମିଳିଲାନି ଅନୁଦାନ



ଆଶ୍ୱିନକୁ ସ୍ୱାଗତ ପାଇଁ ହସିଲାଣି କାଶତଣ୍ଡୀ। (ଫଟୋ-ଜ୍ଞାନେନ୍ଦ୍ର ମୋହନ ମିଶ୍ର)

## ରାସ୍ତା ନିର୍ମାଣରେ ଅନିୟମିତତା

**ମାହାଙ୍ଗା,୩।୯(ସ୍ୱ.ପ୍ର.)**

ମାହାଙ୍ଗା ବ୍ଲକ ଗୋପାଳପୁର ପଞ୍ଚାୟତ ଗୋପାଳପୁର ହାଇସ୍କୁଲଠାରୁ ଆଦିକନ୍ଦ ପୃଷ୍ଟି ସିସି ରୋଡ ନିର୍ମାଣରେ ବ୍ୟାପକ ଅନିୟମିତତା ହୋଇଥିବା ସୋମାବାର ବିଡିଓଙ୍କ ନିକଟରେ ଅଭିଯୋଗ ହୋଇଛି। ଗ୍ରାମର ଆକାଶ ଚନ୍ଦ୍ର ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଦୈତାରୀ ପାତ୍ର, ଅକ୍ଷୟ କୁମାର ଓଝା, ଅଜୟ କୁମାର ଓଝା, ଅଶୋକ କୁମାର ଓଝା, ଜ୍ୟୋତ୍ସ୍ନାରାଣୀ ପ୍ରଧାନ, ଅଭିରାମ ପୃଷ୍ଟି ଓ ଦେବେନ୍ଦ୍ର ନାଥ ରଣା ପ୍ରମୁଖ ବିଡିଓଙ୍କ ନିକଟରେ ଅଭିଯୋଗ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ସୂଚନାଯୋଗ୍ୟ, ଗୋପବନ୍ଧୁ ଗ୍ରାମୀଣ ଯୋଜନାରେ ଏହି ରାସ୍ତା ନିର୍ମାଣ କରାଯାଇଛି।

## ହାଇସ୍କୁଲ ଛାତ୍ରୀଛାତ୍ରଙ୍କ ପ୍ଲାଷ୍ଟିକ ମୁକ୍ତ ଅଭିଯାନ

**ଆଠଗଡ଼,୩।୯(ସ୍ୱ.ପ୍ର.)**

ଆଠଗଡ଼ ଥାନା ଅଧୀନ ଯୋରନ୍ଦା ଗ୍ରାମରେ ଥିବା ମାଧବ ସାମନ୍ତସିଂହାର ବିଦ୍ୟାପୀଠ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ଲାଷ୍ଟିକ ମୁକ୍ତ ଅଭିଯାନ ସୋମବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ପ୍ରଦୀପ୍ତ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଶିକ୍ଷାବିତ୍ ଗନ୍ଧର୍ବସେନ ବେଉରା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ପ୍ଲାଷ୍ଟିକ ବ୍ୟବହାର ହେତୁ ପରିବେଶ ସନ୍ତୁଳିତ ହେବାରେ ଲାଗିଛି। ତେଣୁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ଲାଷ୍ଟିକ ମୁକ୍ତ ପାଇଁ ଦିଆଯାଇଥିବା ଆହ୍ୱାନକୁ ସବୁ ସ୍ତରରେ ପାଳନ କରିବା ଉଚିତ ବୋଲି ମତପ୍ରକାଶ ପାଇଥିଲା। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଏକ ଶୋଭାଯାତ୍ରା ଅନୁଷ୍ଠିତ ହେବାସହ ଯୋରନ୍ଦା ଗ୍ରାମ ରାସ୍ତାର ଏଣେତେଣେ ପଡିଥିବା ଜରି ଓ ଅନ୍ୟାନ୍ୟ ସାମଗ୍ରୀ ସଫେଇ କରାଯାଇଥିଲା। ଶୋଭାଯାତ୍ରାରେ ସ୍କୁଲର ସ୍କାଉଟ ଛାତ୍ରୀଛାତ୍ରମାନେ ମଧ୍ୟ ସାମିଲ ହୋଇଥିଲେ। ସନ୍ତୋଷ ତ୍ରିପାଠୀଙ୍କ ଦ୍ୱାରା ଶୋଭାଯାତ୍ରା ପରିଚାଳିତ ହୋଇଥିଲା। ସଂଗ୍ରାମ କେଶରୀ ସ୍ୱାଇଁ, ଲୁଲୁ କୁମାର ସାହୁ, ପ୍ରଭାତ କୁମାର ମହାପାତ୍ର, ସାନ୍ତା କୁମାରୀ ସେଠୀ, ଅନସୂୟା ନାୟକ, ଅରୁଣ ରଣା ଓ ଗୌରଚନ୍ଦ୍ର ଜେନା ପ୍ରମୁଖ ସହଯୋଗ କରିଥିଲେ।

## ୬ରେ ସ୍କୁଲ, କଲେଜରେ ତାଲା ପକାଇବ ମିଳିତ ମଞ୍ଚ

**ନରସିଂହପୁର,୩।୯(ସ୍ୱ.ପ୍ର.)**

ବ୍ଲକଗ୍ରାଣ୍ଟ ଶିକ୍ଷକ, ଅଧ୍ୟାପକ ଓ କର୍ମଚାରୀ ମିଳିତ ମଞ୍ଚ ଦାବିପୂରଣ ପାଇଁ ରାଜ୍ୟବ୍ୟାପୀ ଆନ୍ଦୋଳନ ଚଳାଇଛି। ତେବେ ନରସିଂହପୁର ବ୍ଲକରେ ଥିବା ୧୩ ହାଇସ୍କୁଲ, ୫ ମ.ଇ. ବିଦ୍ୟାଳୟ, ୨ଟି ୪୮୮ ଡିଗ୍ରୀ କଲେଜ ଓ ୧ଟି ୧୬୨ ଜୁନିୟର କଲେଜରେ ଆସନ୍ତା ୬ ତାରିଖରେ ଶିକ୍ଷକ, ଅଧ୍ୟାପକ ଓ କର୍ମଚାରୀ ମିଳିତ ମଞ୍ଚ ପକ୍ଷରୁ ତାଲା ପକାଇ ଆନ୍ଦୋଳନକୁ ଜୋରଦାର କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ସୋମବାର ଅପରାହ୍ନରେ ସ୍ଥାନୀୟ ଇନ୍ଦ୍ରଭବନ ଡାକବଙ୍ଗଳା ପରିସରରେ ପ୍ରଧାନଶିକ୍ଷକ ଧନୟ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟ ସଂଘ ସଭାପତି କଳିଙ୍ଗ କେଶରୀ ପ୍ରଧାନ ଯୋଗଦେଇ ବ୍ଲକଗ୍ରାଣ୍ଟ ଶିକ୍ଷକ, ଅଧ୍ୟାପକ ଓ କର୍ମଚାରୀଙ୍କ ଦାବିକୁ ସରକାର ପୂରଣ କରୁ ନ ଥିବାରୁ ତାହାଙ୍କୁ ଦୃଢ ନିନ୍ଦା କରିଥିଲେ।

ଏଥିସହ ଗୁରୁଦିବସକୁ କଳା ଦିବସ ଭାବେ ପାଳନ କରିବା ଏବଂ ୬ ତାରିଖରୁ ଶିକ୍ଷାନୁଷ୍ଠାନ ଗୁଡିକରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ତାଲା ପକାଇବାକୁ ପରାମର୍ଶ ଦେଇଥିଲେ। ଏହାକୁ ସଂଘ ତରଫରୁ କାର୍ଯ୍ୟକାରୀ କରିବାପାଇଁ ନିଷ୍ପତ୍ତି ନିଆଯାଇଛି। ବୈଠକରେ ଶିକ୍ଷକ ସରୋଜ କୁମାର ରାଉତ, ଅଧ୍ୟାପକ ଶିବ ପ୍ରଶାଦ ମିଶ୍ର, ନିର୍ମଳ ଛୋଟରାୟ, ଶିକ୍ଷକ ସୁଗମ ପ୍ରସାଦ ଡାକୁଆ, ରମେଶ କୁମାର ଭଞ୍ଜ ପ୍ରମୁଖ ବହୁ ଶିକ୍ଷକ, ଅଧ୍ୟାପକ ଓ କର୍ମଚାରୀ ଯୋଗ ଦେଇଥିଲେ। ଅଧ୍ୟାପକ ଶିବ ପ୍ରଶାଦ ମିଶ୍ରଙ୍କ ନେତୃତ୍ୱରେ ୧୪ ଜଣିଆ ଷ୍ଟିଅରିଂ କମିଟି ଗଠନ କରାଯାଇଥିଲା।



ମିଳିତ ମଞ୍ଚ ବୈଠକରେ ଯୋଗଦେଇଥିବା ଶିକ୍ଷକମାନେ।

## ରାଧାଗୋବିନ୍ଦଙ୍କ ସୁନାବେଶ

**ଆଠଗଡ଼,୩।୯(ସ୍ୱ.ପ୍ର.)**

ସୋମବାର ନନ୍ଦ ଉତ୍ସବ ଅବସରରେ ଆଠଗଡ଼ ଟାଉନର ରାଧାଗୋବିନ୍ଦ ଜୀଉଙ୍କ ମନ୍ଦିରରେ ରାଧାଗୋବିନ୍ଦଙ୍କ ସୁନାବେଶ ଅନୁଷ୍ଠିତ ହୋଇଯାଇଛି। ଆଠଗଡ଼ ଉପକୋଶାଗାରରୁ ପ୍ରାୟ ୧ କେଜି ୯୦୦ ଗ୍ରାମର ସୁନା ପୋଲିସ ସୁରକ୍ଷା ବଳୟ ମଧ୍ୟରେ ଅଣାଯାଇଥିଲା। ସନ୍ଧ୍ୟା ଆଳତି ପୂର୍ବରୁ ଠାକୁରଙ୍କୁ ସୁନାବେଶ କରାଯିବା ସହ ପହଡ ଫିଟିଥିଲା। ଏହି ବେଶ ଦର୍ଶନ ପାଇଁ ଆଠଗଡ଼ ଓ ଆଖପାଖ ଅଞ୍ଚଳର ଶହଶହ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଶୃଙ୍ଖଳା ରକ୍ଷା ପାଇଁ ଆଠଗଡ଼ ଥାନା ଆଇଆଇସି ପଦାରବିନ୍ଦ ତ୍ରିପାଠୀଙ୍କ ନେତୃତ୍ୱରେ ଫୋର୍ସ ମୁତୟନ କରାଯାଇଥିଲା। ଦେବୋତ୍ତର ମୁଖ୍ୟ ତଥା ଉପଜିଲାପାଳ ଅମୀୟ କୁମାର ସାହୁ ଉପସ୍ଥିତ ରହି ତଦାରଖ କରିଥିଲେ। ଦେବୋତ୍ତର ସୁପରଭାଇଜର କରୁଣାକର ବେହେରା ଓ ଅନ୍ୟ କର୍ମଚାରୀ ସହଯୋଗ କରିଥିଲେ।

## ଭାଜପା ଯୁବ ମୋର୍ଚ୍ଚାର ସମ୍ବର୍ଦ୍ଧନା ସଭା




ଭାଜପା ଯୁବ ମୋର୍ଚ୍ଚା ସମ୍ବର୍ଦ୍ଧନା ସଭାରେ ଯୋଗଦେଇଥିବା ଅତିଥି ଓ କର୍ମକର୍ତ୍ତା।

**ନିଶ୍ଚିନ୍ତକୋଇଲି,୩।୯(ସ୍ୱ.ପ୍ର.)**

ନିଶ୍ଚିନ୍ତକୋଇଲି ଭାଜପା ଯୁବ ମୋର୍ଚ୍ଚାର ଏକ ସମ୍ବର୍ଦ୍ଧନା ସଭା ସୋମବାର ପଣସପଡ଼ିଆଠାରେ ଅନୁଷ୍ଠିତ ହୋଇଯାଇଛି। ସଭାରେ ସନ୍ତୋଷ କୁମାର କାପ ସଭାପତିତ୍ୱ କରିଥିଲେ। ଜିଲା ସମ୍ପାଦକ ଦେବୀଦତ୍ତ କର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ କଲ୍ୟାଣ ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରାଇଥିଲେ। ବ୍ଲକର ଭାଜପା ନେତା ମାନସ ରଞ୍ଜନ ରାଉତ ଓ ପ୍ରଦୀପ୍ତ ମହାରଣା ପ୍ରମୁଖ ଯୋଗଦେଇ ଓଡ଼ିଶା ସରକାର ଯୁବ ବାହିନୀ ନାମରେ ଯୁବକଙ୍କୁ ପଥଭ୍ରଷ୍ଟ କରୁଛନ୍ତି ବୋଲି କହିଥିଲେ। ନିଶ୍ଚିନ୍ତକୋଇଲି ସମିତି ସଭ୍ୟ ଭରତ ଦାସ, ଅବିନାଶ ରାଉତ ଓ ବିପ୍ଳବ କେଶରୀ କାପଙ୍କ ସମେତ ବହୁ ଯୁବ ନେତା ଉପସ୍ଥିତ ଥିଲେ। ସଭା ପ୍ରାରମ୍ଭରେ କର୍ମୀମାନେ କୁଳିଆ ହନୁମାନ ମନ୍ଦିର ନିକଟରୁ ଏକ ବାଇକ ରାଲିରେ ଆସି ସଭାସ୍ଥଳରେ ପହଞ୍ଚିଥିଲେ। ଶେଷରେ ସମୀର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଭିନ୍ନ ସ୍ଥାନରେ ନନ୍ଦ ଉତ୍ସବ



ରାଧାକୃଷ୍ଣ ଓ ବ୍ରଜବାସୀ ବେଶଧାରୀ ଗ୍ରାମ ପରିକ୍ରମା କରୁଛନ୍ତି।

**ଆଠଗଡ଼,୩।୯(ସ୍ୱ.ପ୍ର.)**

ସୋମବାର ଆଠଗଡ଼ ଥାନା କନ୍ଦରପୁର ପଞ୍ଚାୟତ ରାଉତରାପୁରଠାରେ ନନ୍ଦ ଉତ୍ସବ ପାଳିତ ହୋଇଛି। ଗୁରୁ ନନ୍ଦକିଶୋର ସାହୁଙ୍କ ପରିଚାଳନାରେ ରାଧାକୃଷ୍ଣ ଓ ବ୍ରଜବାସୀ ବେଶଧାରୀ ଗ୍ରାମରେ ଭ୍ରମଣ କରିଥିଲେ। ବିଭିନ୍ନ ସ୍ଥାନରେ ରାଧାକୃଷ୍ଣଙ୍କୁ ପୂଜାର୍ଚ୍ଚନା କରାଯିବା ସହ ଛେନା, ଲହୁଣୀ ଓ ମିଷ୍ଟାନ୍ନ ଲାଗି କରାଯାଇଥିଲା। ରାଧାକୃଷ୍ଣ ଓ ବ୍ରଜବାସୀ ପାରମ୍ପରିକ ଲଉଡି ଖେଳ ସହ ରାଉତରାପୁର, ନଣ୍ଡାଇଲୋ ଓ କନ୍ଦରପୁର ଆଦି ସ୍ଥାନରେ ଭ୍ରମଣ କରିଥିଲେ। ସେହିପରି ଏନଏସି ଅଧୀନ ବିରକିଶୋରପୁର ଖୁଣ୍ଟକଟା ପଞ୍ଚାୟତର ବିଭିନ୍ନ ଗ୍ରାମରେ ନନ୍ଦ ଉତ୍ସବ ପାଳିତ ହୋଇଛି।

## ମଧୁମାଟି ସାହିତ୍ୟ ସଂସଦର ନୂତନ କର୍ମକର୍ତ୍ତା

**ସାଲେପୁର,୩।୯(ଡି.ଏନ.ଏ.)**

ସାଲେପୁର ବ୍ଲକ ଅଧୀନ ଗୋପୀନାଥପୁର ସାଇ ସରସ୍ୱତୀ ଶିଶୁ ମନ୍ଦିର ପ୍ରାଙ୍ଗଣରେ ମଧୁମାଟି ସାହିତ୍ୟ ସଂସଦର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ସଂସଦ ମୁଖପତ୍ର ମଧୁମାଟି ପାଇଁ ସଭାପତି ଭାବେ ବାସୁଦେବ ରାଉତ, ସମ୍ପାଦକ ଚିତ୍ତରଞ୍ଜନ ପଣ୍ଡା, କୋଷାଧ୍ୟକ୍ଷ ଅକ୍ଷୟ କୁମାର ବେହେରା, ପରିଚାଳନା ସମ୍ପାଦକ ପ୍ରଶାନ୍ତ ଭୂୟାଁ, ସୁଜାତା ପଣ୍ଡା, ଗୀତିରଞ୍ଜନ ତ୍ରିପାଠୀ ମନୋନୀତ ହୋଇଛନ୍ତି। ସଭ୍ୟ ହରେକୃଷ୍ଣ ଷଡ଼ଙ୍ଗୀ, ପ୍ରଦ୍ୟୁମ୍ନ ଶତପଥୀ, ବିଶ୍ୱରଞ୍ଜନ ସାହୁ, ଦେବେନ୍ଦ୍ର ସ୍ୱାଇଁ, ଦିଲୀପ ରାଉତ, ଦେବେନ୍ଦ୍ର ନାୟକ, କରୁଣାକର ମହାପାତ୍ର, ହେମନ୍ତ କୁମାର ମିଶ୍ର ଓ ଜଗନ୍ନାଥ ମିଶ୍ର ପ୍ରମୁଖ ରହିଛନ୍ତି।

## ■ ମହାନଗର ନିଗମ ଆଣିବ ଜିଆଇଏସ୍ ସଫ୍ଟୱେର

# ସଫ୍ଟୱେର ଧରାପକାଇବ ହୋର୍ଡିଂ ଲୋକେଶନ

**କଟକ ଅଫିସ, ୩।୯**

ବେଆଇନ ହୋର୍ଡିଂ ଲଗାଉଥିବା ସଂସ୍ଥା ସାବଧାନ। ନୋ ହୋର୍ଡିଂ ଜୋନରେ ହୋର୍ଡିଂ ଲଗାଉଥିବା ସଂସ୍ଥାକୁ ଜଗିବା ପାଇଁ କଟକ ମହାନଗର ନିଗମ(ସିଏମ୍‌ସି) ଆରମ୍ଭ କରିବ ଜିଆଇଏସ୍ ସଫ୍ଟୱେର।

### ଜିଆଇଏସ୍ ସଫ୍ଟୱେର କ'ଣ

ଜିଆଇଏସ ସଫ୍ଟୱେର ହେଉଛି ଜିଓଗ୍ରାଫିକ ଇନଫରମେଶନ ସିଷ୍ଟମ। ଏହାକୁ କମ୍ପ୍ୟୁଟରରେ ଇନ୍‌ଷ୍ଟଲ୍ କରିବା ପରେ ମହାନଗର ନିଗମ ଅଧୀନରେ କେଉଁ ନୋ ହୋର୍ଡିଂ ଜୋନରେ ହୋର୍ଡିଂ ଲଗାଯାଇଛି ତାହାର ଲୋକେଶନ ଜଣାପଡ଼ିଯିବ। ଏହାଦ୍ୱାରା ନୋ ହୋର୍ଡିଂ ଜୋନରେ ହୋର୍ଡିଂ ଲାଗିଛି କି ନାହିଁ ତାହା ଯାଞ୍ଚ କରିବା ପାଇଁ ସିଏମସିର ଏନଫୋର୍ସମେଣ୍ଟ ଟିମକୁ ଜାଗା ପାଖକୁ ବାରମ୍ବାର ଯିବାକୁ ପଡିବ ନାହିଁ। ମିଳିଥିବା ସୂଚନା ମୁତାବକ, ଖୁବ୍‌ଶୀଘ୍ର ବ୍ୟବସ୍ଥା ଲାଗୁ କରିବା ନିମନ୍ତେ ଗୃହ ଏବଂ ନଗର ଉନ୍ନୟନ ବିଭାଗକୁ ଅନୁମତି ଦେବାକୁ ମହାନଗର ନିଗମ ତରଫରୁ ଚିଠି ଲେଖା ସରିଛି। ଏହି ଜିଆଇଏସ୍ ସଫ୍ଟୱେର କିଭଳି କାମ କରେ ସେ ବିଷୟରେ ଘରୋଇ କମ୍ପାନୀ ଇଏସ୍‌ଆରଆଇ ମହାନଗର ନିଗମ କର୍ତ୍ତୃପକ୍ଷଙ୍କୁ ଭିଡିଓ ପ୍ରେଜେଣ୍ଟେଶନ ଦେଖାଇସାରିଛି। ପୂର୍ବରୁ ଏହି ସଂସ୍ଥା ବିଭିନ୍ନ ମେଟ୍ରୋ ସିଟିଗୁଡିକରେ ଏହି ସେବା ପ୍ରଦାନ କରିସାରିଛି। ସିଏମ୍‌ସି ଅଧୀନରେ ବିଭିନ୍ନ ସ୍ଥାନରେ ହୋର୍ଡିଂ ଲଗାଇବା ପାଇଁ ଏବେ ୫୪ଟି ସଂସ୍ଥା କାମ କରୁଛନ୍ତି। ହେଲେ କିଛି ସଂସ୍ଥା ଚୁକ୍ତିରେ ଦର୍ଶାଇଥିବା ସ୍ଥାନ ବ୍ୟତୀତ ଅନ୍ୟ ସ୍ଥାନରେ ହୋର୍ଡିଂ ଲଗାଇ ଏବଂ ଆଉ କେତେକ ନୋ ହୋର୍ଡିଂ ଜୋନରେ ହୋର୍ଡିଂ ଲଗାଇ ଟିକସ ଫାଙ୍କୁଛନ୍ତି। ସିଏମ୍‌ସି କମିଶନର ବିକାଶ ମହାପାତ୍ର କୁହନ୍ତି, ବ୍ୟବସ୍ଥାରେ ସ୍ୱଚ୍ଛତା ଆଣିବାକୁ ଟେକ୍ନୋଲୋଜିର ଆବଶ୍ୟକତା ରହିଛି। ତେଣୁ ଏହି ଜିଆଇଏସ ସଫ୍ଟୱେର ଟେକ୍ନୋଲୋଜି ଦେଖିବା ପରେ ଆମେ ଏହାକୁ ଲାଗୁ କରିବାକୁ ଚିଠି କରିଛୁ। ତେବେ ଦେଖାଯାଉ ଟେକ୍ନୋଲୋଜି ପ୍ରୟୋଗ ଦ୍ୱାରା ହୋର୍ଡିଂ ବ୍ୟବସ୍ଥାରେ କେତେ ସ୍ୱଚ୍ଛତା ରହିପାରୁଛି ବୋଲି କହିଛନ୍ତି କର୍ପୋରେଟର ଗିରିବାଳା ବେହେରା।

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୪ ସେପ୍ଟେମ୍ବର, ୨୦୧୮



କାଠ ପାଇଁ ଛେଲି ଯାହା, ବିଜ୍ଞତା ପାଇଁ ଗାମ୍ଭୀର୍ଯ୍ୟ ସେୟା।

-କନ୍‌ଫୁସିୟସ୍



## ଆଜି କ'ଣ କେଉଁଠି

**କଟକ**

- ଉତ୍କଳ ଯୁବ ସାଂସ୍କୃତିକ ସଂଘ ପକ୍ଷରୁ ୨୬ତମ ଇଣ୍ଡିଆ ଥିଏଟର ଅଲିମ୍ପିଆଡ୍‌ର ଚତୁର୍ଥ ସନ୍ଧ୍ୟା, ସାରଳା ଭବନ, ବିଜୁ ପଟ୍ଟନାୟକ ଛକ, ସନ୍ଧ୍ୟା ୬ଟା ୩୦।

## ୧.୫ କୁଇଣ୍ଟାଲ ମଦ ଜବତ : ୧୨ ଗିରଫ

କଟକ ଅଫିସ, ୩।୯- କଟକ ଜିଲା ଅବକାରୀ ବିଭାଗ ପକ୍ଷରୁ ସୋମବାର ଜିଲାର ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ୧.୫ କୁଇଣ୍ଟାଲ ଦେଶୀ ମଦ ଜବତ କରାଯାଇଛି। ଏହି ଘଟଣାରେ ୧୨ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ବିଶ୍ୱନାଥ ପଣ୍ଡା, ଶ୍ରୀଧର ରାଉତ, ତୈଳତ୍ର ସାହୁ, ପ୍ରଭା ବରାଳ, କାଳନ୍ଦୀ ବେହେରା, ମନୋଜ ବେହେରା, ରବୀନ୍ଦ୍ର ଦାସ, ବବିତା ମହାନ୍ତି, ସୁକାନ୍ତ କୁମାର ମହାନ୍ତି, ଦିଲ୍ଲୀପ କୁମାର ଭୋଇ, ବିଷ୍ଣୁ ଚରଣ ବାରିକ ଓ ପ୍ରକାଶ ପଟ୍ଟନାୟକ। ଏଥିସହିତ ୧୩ ଟି ମାମଲା ରୁଜୁ କରାଯାଇଛି। ବାଙ୍କୀ ଥାନା ଅନ୍ତର୍ଗତ ପୋଲାବାହାଡା ଅଞ୍ଚଳର ଏକ ସ୍ଥାନରୁ ସର୍ବାଧିକ ୭୦ କେଜି ମଦ ଜବତ କରାଯାଇଥିଲେ ମଧ ଏହି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତ ଖସି ଯାଇଛନ୍ତି। ଅବକାରୀ ବିଭାଗ ଅଧିକାରୀ ଅଶୋକ ଶତପଥୀଙ୍କ ତତ୍ତ୍ୱାବଧାନରେ ଏକ ସ୍ୱତନ୍ତ୍ର ଟିମ୍ ଚଢାଉ କରି ଏହି ମଦ ଜବତ କରିଛି।

## ଚୋରି : ଜଣେ ଗିରଫ

**କଟକ ଅଫିସ, ୩।୯-** ଚୋରି ଅଭିଯୋଗରେ ବାଦାମବାଡି ପୋଲିସ ସ୍ଥାନୀୟ ଲୁଣିଆସାହି ଅଞ୍ଚଳର ମନୋଜ କୁମାର ସାହୁଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ଅଭିଯୋଗ ଅନୁଯାୟୀ, ବାଦାମବାଡିରେ ଅଞ୍ଚଳରେ ରାଜେଶ ନାୟକ ଅଟୋ ଚଳାନ୍ତି। ଶନିବାର ବାଦାମବାଡି ବସଷ୍ଟାଣ୍ଡ ପାଖରେ ସେ ଅଟୋ ରଖି ବାହାରକୁ ଯାଇଥିଲେ। କିଛି ସମୟ ପରେ ଆସି ଦେଖିବାରୁ ଅଟୋରେ ଥିବା ୨ ହଜାର ଟଙ୍କା ଏକ କିଛି ଆବଶ୍ୟକ କାଗଜ ପତ୍ର ନ ଥିଲା। ଏ ନେଇ ସେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୨୪୨/୧୮) ରୁଜୁ କରି ଅଭିଯୁକ୍ତ ଗିରଫ କରିଥିଲା।

## ଦୁଇ ଛାତ୍ର ନେତାଙ୍କ ବିୟୋଗରେ ଶୋଭାଯାତ୍ରା

**କଟକ ଅଫିସ, ୩।୯-** ଛାତ୍ର ବିଜେଡ଼ିର ଦୁଇ ଯୁବନେତା ପିନାକୀ ମିଶ୍ର ଓ ଅନନ୍ତ ସ୍ୱାଇଁଙ୍କ ବିୟୋଗରେ ସୋମବାର ସନ୍ଧ୍ୟାରେ ମହମବତୀ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଛାତ୍ର ବିଜେଡି ମହାସଚିବ ହରିଶଙ୍କର ରାଉତଙ୍କ ନେତୃତ୍ୱରେ ରେଳଷ୍ଟେଶନ ନିକଟରୁ ଶୋଭାଯାତ୍ରା ବାହାରି କଲେଜଛକ ପର୍ଯ୍ୟନ୍ତ ଆସିଥିଲା। ପିନାକୀ ଓ ଅନନ୍ତଙ୍କ ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। କଟକ ଜୋନ ଛାତ୍ର ବିଜେଡି ଉପସଭାପତି ଆଶୁତୋଷ ସାହୁ, ତବରେଜ ଖାନ, ରାଜେନ୍ଦ୍ର ଛାଟୋଇ, ରମେଶ ସେଠୀ, ସଞ୍ଜିତ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ଉପସଭାପତି ସୃଷ୍ଟିଧର ନାୟକ ଧନ୍ୟବାଦ ଦେଇଥିଲେ। ସୂଚନାଯୋଗ୍ୟ, ୧ ସପ୍ତାହ ମଧରେ ଦୁଇଟି ଭିନ୍ନ ସ୍ଥାନରେ ବାଇକ୍ ଦୁର୍ଘଟଣାରେ ପିନାକୀ ଓ ଅନନ୍ତଙ୍କ ମୃତ୍ୟୁ ଘଟିଥିଲା।

### ଆଇନଜୀବୀଙ୍କୁ ଆକ୍ରମଣ ଘଟଣା

## ନିଖିଳ ଓଡ଼ିଶା ବୁଦ୍ଧିଜୀବୀ ଫୋରମର ନିନ୍ଦା

**କଟକ ଅଫିସ, ୩।୯-** ଗତ ଅଗଷ୍ଟ ୨୮ ତାରିଖରେ ଆଇନଜୀବୀ ଦେବୀ ପଟ୍ଟନାୟକଙ୍କୁ ପୋଲିସ ମାଡ଼ ମାରିଥିଲା। ପୋଲିସ ମାଡ଼ରେ ତାଙ୍କର ମୁହଁ, ଗୋଡ, ପେଟ ଇତ୍ୟାଦିରେ ଗଭୀର ଆଘାତ ଲାଗିଛି। ଏହାକୁ ନିଖିଳ ଓଡ଼ିଶା ବୁଦ୍ଧିଜୀବୀ ଫୋରମ ନିନ୍ଦା କରିଛି। ଫୋରମ୍‌ର ସଭାପତି ଆଇନଜୀବୀ ବରଦା ପ୍ରସନ୍ନ ପଟ୍ଟନାୟକଙ୍କ ଅଧକ୍ଷତାରେ ସୋମବାର ଏ ସମ୍ପର୍କରେ ଆଲୋଚନା କରାଯାଇ ଏଥିରେ ସମ୍ପୃକ୍ତ ଥିବା ଦୋଷୀମାନଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରାଯାଇଛି। ଦୋଷୀମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଲେ ଏଭଳି ଦୁଃଖଦ ଘଟଣାର ଯଥାଶୀଘ୍ର ସମାଧାନ ହୋଇପାରିବ ବୋଲି ଦାବି କରାଯାଇଛି। ଉକ୍ତ ଆଲୋଚନାରେ ଫୋରମର ଉପସଭାପତି ଆଇନଜୀବୀ ତାପସ କୁମାର ଦ୍ୱିବେଦୀ, ବିଭୁଭୂଷଣ ରଣସିଂହ, ନିବେଦିତା ସାହୁ, ସ୍ୱୟଂପ୍ରଭା ଦାସ, ବିଦ୍ୟୁଲତା ମହାନ୍ତି, ସ୍ୱାଗତିକା ରଥ, ସୌମ୍ୟକାନ୍ତ ଖଣ୍ଡାୟୀ ପ୍ରମୁଖ ସଦସ୍ୟାସଦସ୍ୟ ଉପସ୍ଥିତ ରହି ଉକ୍ତ ନିନ୍ଦା ପ୍ରସ୍ତାବକୁ ସର୍ବସମ୍ମତିକ୍ରମେ ଗୃହୀତ କରିବା ସହିତ ଦୋଷୀମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ନିଷ୍ପତ୍ତି ଗ୍ରହଣ କରିଥିଲେ।

### ମହାନଗର ନିଗମ ଆଣିବ ଜିଆଇଏସ୍ ସଫ୍ଟୱେର

# ସଫ୍ଟୱେର ଧରାପକାଇବ ହୋର୍ଡିଂ ଲୋକେଶନ

**କଟକ ଅଫିସ, ୩।୯**

ବେଆଇନ ହୋର୍ଡିଂ ଲଗାଉଥିବା ସଂସ୍ଥା ସାବଧାନ। ନୋ ହୋର୍ଡିଂ ଜୋନରେ ହୋର୍ଡିଂ ଲଗାଉଥିବା ସଂସ୍ଥାକୁ ଜଗିବା ପାଇଁ କଟକ ମହାନଗର ନିଗମ(ସିଏମ୍‌ସି) ଆରମ୍ଭ କରିବ ଜିଆଇଏସ୍ ସଫ୍ଟୱେର।

**ଜିଆଇଏସ୍ ସଫ୍ଟୱେର କ'ଣ:**

ଜିଆଇଏସ ସଫ୍ଟୱେର ହେଉଛି ଜିଓଗ୍ରାଫିକ ଇନଫରମେଶନ ସିଷ୍ଟମ। ଏହାକୁ କମ୍ପ୍ୟୁଟରରେ ଇନ୍‌ଷ୍ଟଲ୍ କରିବା ପରେ ମହାନଗର ନିଗମ ଅଧୀନରେ କେଉଁ ନୋ ହୋର୍ଡିଂ ଜୋନରେ ହୋର୍ଡିଂ




ଲଗାଯାଇଛି ତାହାର ଲୋକେଶନ ଜଣାପଡ଼ିଯିବ। ଏହାଦ୍ୱାରା ନୋ ହୋର୍ଡିଂ ଜୋନରେ ହୋର୍ଡିଂ ଲାଗିଛି କି ନାହିଁ ତାହା ଯାଞ୍ଚ କରିବା ପାଇଁ ସିଏମସିର ଏନଫୋର୍ସମେଣ୍ଟ ଟିମକୁ ଜାଗା ପାଖକୁ ବାରମ୍ବାର ଯିବାକୁ ପଡିବ ନାହିଁ।

ମିଳିଥିବା ସୂଚନା ମୁତାବକ, ଖୁବ୍‌ଶୀଘ୍ର ବ୍ୟବସ୍ଥା ଲାଗୁ କରିବା ନିମନ୍ତେ ଗୃହ ଏବଂ ନଗର ଉନ୍ନୟନ ବିଭାଗକୁ ଅନୁମତି ଦେବାକୁ ମହାନଗର ନିଗମ ତରଫରୁ ଚିଠି ଲେଖା ସରିଛି। ଏହି ଜିଆଇଏସ୍ ସଫ୍ଟୱେର କିଭଳି କାମ କରେ ସେ ବିଷୟରେ ଘରୋଇ କମ୍ପାନୀ ଇଏସ୍‌ଆରଆଇ ମହାନଗର ନିଗମ କର୍ତ୍ତୃପକ୍ଷଙ୍କୁ ଭିଡିଓ ପ୍ରେଜେଣ୍ଟେଶନ ଦେଖାଇସାରିଛି। ପୂର୍ବରୁ ଏହି ସଂସ୍ଥା ବିଭିନ୍ନ ମେଟ୍ରୋ ସିଟିଗୁଡିକରେ ଏହି ସେବା ପ୍ରଦାନ କରିସାରିଛି। ସିଏମ୍‌ସି ଅଧୀନରେ ବିଭିନ୍ନ ସ୍ଥାନରେ ହୋର୍ଡିଂ ଲଗାଇବା ପାଇଁ ଏବେ ୫୪ଟି ସଂସ୍ଥା କାମ କରୁଛନ୍ତି। ହେଲେ କିଛି ସଂସ୍ଥା ଚୁକ୍ତିରେ ଦର୍ଶାଇଥିବା ସ୍ଥାନ ବ୍ୟତୀତ ଅନ୍ୟ ସ୍ଥାନରେ ହୋର୍ଡିଂ ଲଗାଇ ଏବଂ ଆଉ କେତେକ ନୋ ହୋର୍ଡିଂ ଜୋନରେ ହୋର୍ଡିଂ ଲଗାଇ ଟିକସ ଫାଙ୍କୁଛନ୍ତି।

ସିଏମ୍‌ସି କମିଶନର ବିକାଶ ମହାପାତ୍ର କୁହନ୍ତି, ବ୍ୟବସ୍ଥାରେ ସ୍ୱଚ୍ଛତା ଆଣିବାକୁ ଟେକ୍ନୋଲୋଜିର ଆବଶ୍ୟକତା ରହିଛି। ତେଣୁ ଏହି ଜିଆଇଏସ ସଫ୍ଟୱେର ଟେକ୍ନୋଲୋଜି ଦେଖିବା ପରେ ଆମେ ଏହାକୁ ଲାଗୁ କରିବାକୁ ଚିଠି କରିଛୁ। ତେବେ ଦେଖାଯାଉ ଟେକ୍ନୋଲୋଜି ପ୍ରୟୋଗ ଦ୍ୱାରା ହୋର୍ଡିଂ ବ୍ୟବସ୍ଥାରେ କେତେ ସ୍ୱଚ୍ଛତା ରହିପାରୁଛି ବୋଲି କହିଛନ୍ତି କର୍ପୋରେଟର ଗିରିବାଳା ବେହେରା।




ମା' ମଙ୍ଗଳା ବସ୍ତିର ଭୂମିହୀନମାନଙ୍କୁ ଥଇଥାନ ଦାବିରେ ସିପିଆଇ ପକ୍ଷରୁ ସୋମବାର ଜିଲାପାଳଙ୍କ ଅଫିସ୍ ଅଭିମୁଖେ ବାହାରିଥିବା ଶୋଭାଯାତ୍ରା।

### କଲ୍ୟାଣ ମଣ୍ଡପ ଲାଇସେନ୍ସ ପ୍ରଦାନରେ ଆଇନ ଉଲ୍ଲଂଘନ

# ହାଇକୋର୍ଟରେ ଆଉ ଏକ ମାମଲା

**କଟକ ଅଫିସ, ୩।୯**

କଟକ ମହାନଗର ନିଗମ (ସିଏମ୍‌ସି) କଲ୍ୟାଣ ମଣ୍ଡପକୁ ନେଇ ହାଇକୋର୍ଟରେ ସୋମବାର ଏକ ମିସ୍ କେସ୍ ରୁଜୁ କରାଯାଇଛି। ଆଡଭୋକେଟ ଅରୁଣ କୁମାର ବୁଦ୍ଧିଆ ଏହି ମିସ୍ କେସ ରୁଜୁ କରିଛନ୍ତି। କଲ୍ୟାଣ ମଣ୍ଡପ ଲାଇସେନ୍ସ ପ୍ରଦାନରେ ବ୍ୟାପକ ଦୁର୍ନୀତି ହେଉଥିବା ସେ ନିଜ ପିଟିଶନରେ ଉଲ୍ଲେଖ କରିଛନ୍ତି।

ସୂଚନାଥାଉ କି, ସିଏମ୍‌ସି ଅଧୀନରେ ଥିବା କଲ୍ୟାଣ ମଣ୍ଡପଗୁଡ଼ିକ ଚଳାଇବା ପାଇଁ ପୂର୍ବରୁ ହାଇକୋର୍ଟ ଗାଇଡ୍‌ଲାଇନ ଜାରି କରିଥିଲେ। ୨୦୧୫ ମସିହାରେ ଆଗତ ଏକ ଜନସ୍ୱାର୍ଥ ମାମଲାର ଶୁଣାଣି କରି ହାଇକୋର୍ଟ ଏଭଳି ନିର୍ଦ୍ଦେଶ ଦେଇଥିଲେ। ଏଥିପାଇଁ ଆଡଭୋକେଟ ଅରୁଣ କୁମାର ବୁଦ୍ଧିଆଙ୍କୁ ଆମିକସ୍ କ୍ୟୁରୀ ଭାବେ ୨୦୧୫ ଅଗଷ୍ଟ ୨୮ରେ ନିଯୁକ୍ତି ଦିଆଯାଇଥିଲା। ଏହା ପରେ ୨୦୧୫ ଡିସେମ୍ବର ୩ରେ ହାଇକୋର୍ଟ ସିଏମ୍‌ସି କର୍ତ୍ତୃପକ୍ଷ ଏବଂ ଡିସିପିଙ୍କୁ ଏକ ନିର୍ଦ୍ଦେଶ ଜାରି କରିଥିଲେ। ନିର୍ଦ୍ଦେଶ ଅନୁଯାୟୀ, କଲ୍ୟାଣ ମଣ୍ଡପଗୁଡ଼ିକର ତଦାରଖ କରିବା ପାଇଁ ସିଏମ୍‌ସି ଏକ ସବ୍‌କମିଟି ଗଠନ କରିବ। ଏହି ସବ୍‌କମିଟିରେ ଆଡଭୋକେଟ ବୁଦ୍ଧିଆଙ୍କୁ ସଦସ୍ୟ ଭାବେ ଗ୍ରହଣ କରିବା ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏହି ସବ୍ କମିଟି କଲ୍ୟାଣ ମଣ୍ଡପଗୁଡ଼ିକ ନିରୀକ୍ଷଣ କରିବା ପରେ ମଣ୍ଡପଗୁଡ଼ିକୁ ଲାଇସେନ୍ସ ପ୍ରଦାନ କରାଯିବ। ଏହି ଅନୁଯାୟୀ ସିଏମ୍‌ସି ପକ୍ଷରୁ ଆଡଭୋକେଟ ବୁଦ୍ଧିଆଙ୍କୁ ଉକ୍ତ କମିଟିରେ ସଦସ୍ୟ ରଖାଯାଇଥିଲା। ମାତ୍ର ଦୀର୍ଘଦିନ ହେବ ସିଏମ୍‌ସି ମନମୁଖି ଭାବେ ସବ୍ କମିଟିର ପରାମର୍ଶ ନ ନେଇ ଲାଇସେନ୍ସ ପ୍ରଦାନ କରୁଥିବା ଆଡଭୋକେଟ ବୁଦ୍ଧିଆ ନିଜ ପଟିଶନରେ ଉଲ୍ଲେଖ କରିଛନ୍ତି। ସିଏମ୍‌ସିର ଏତାଦୃଶ କାର୍ଯ୍ୟ କୋର୍ଟଙ୍କ ଆଦେଶର ଉଲ୍ଲଂଘନ ବୋଲି ସେ ଦର୍ଶାଇଛନ୍ତି।

ସୂଚନାଥାଉ କି, ହାଇକୋର୍ଟଙ୍କ ଗାଇଡ୍‌ଲାଇନ ଅନୁଯାୟୀ କଲ୍ୟାଣ ମଣ୍ଡପଗୁଡ଼ିକର ପାର୍କିଂ ଏରିଆ, ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ବ୍ୟବସ୍ଥା, ସିସିଟିଭି ଇତ୍ୟାଦି ନ ଥିଲେ ମଣ୍ଡପଗୁଡ଼ିକୁ ଲାଇସେନ୍ସ ଦିଆଯିବ ନାହିଁ। ଏହା ପରେ ସିଏମ୍‌ସି ପକ୍ଷରୁ ସହରରେ ଥିବା ବହୁ ମଣ୍ଡପକୁ ସିଲ୍ କରାଯାଇଥିଲା। ମାତ୍ର ଏହାପରେ ସିଏମ୍‌ସି କର୍ତ୍ତୃପକ୍ଷ ଭିତିରି ଉଦ୍ଦେଶ୍ୟ ରଖି ବନ୍ଦ ଥିବା କଲ୍ୟାଣ ମଣ୍ଡପଗୁଡ଼ିକୁ ଖୋଲିବା ପାଇଁ ଅନୁମତି ପ୍ରଦାନ କରିଛନ୍ତି। ଏହା କୋର୍ଟଙ୍କ ଆଦେଶର ଚରମ ଉଲ୍ଲଂଘନ ବୋଲି ସେ ନିଜ ଆବେଦନରେ ଦର୍ଶାଇଛନ୍ତି। ତେଣୁ ଏହାର ତଦନ୍ତ ଭିଜିଲାନ୍ସ କିମ୍ବା କ୍ରାଇମବ୍ରାଞ୍ଚ ଦ୍ୱାରା କରାଇବା ପାଇଁ ଆଡଭୋକେଟ ବୁଦ୍ଧିଆ କୋର୍ଟଙ୍କୁ ନିବେଦନ କରିଛନ୍ତି।

## ମହିଳା ଦକ୍ଷତା ବିକାଶ କର୍ମଶାଳା

**କଟକ ଅଫିସ, ୩।୯**

ବାରବାଟୀ-କଟକ ମହିଳା ବିଜେଡି ପକ୍ଷରୁ ସୋମବାର ମହିଳା ଦକ୍ଷତା ବିକାଶ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସୁଲତାନା ବେଗମ୍‌ଙ୍କ ଆବାହକତ୍ୱରେ ୱାଇଏମ୍‌ସିଏଠାରେ ଅନୁଷ୍ଠିତ କର୍ମଶାଳାକୁ ବିଧାୟକ ଦେବାଶିଷ ସାମନ୍ତରାୟ ଉଦ୍‌ଘାଟନ କରି ରାଜ୍ୟ ସରକାରଙ୍କ ନାରୀ ସଶକ୍ତୀକରଣ କାର୍ଯ୍ୟକ୍ରମଗୁଡ଼ିକୁ ତ୍ୱରାନ୍ୱିତ କରିବା ପାଇଁ ସରକାରୀ ପଦାଧିକାରୀ ଓ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ । ନାରୀମାନଙ୍କ ପାଇଁ ବିଜୁ ସ୍ୱାସ୍ଥ୍ୟ ବୀମା ଯୋଜନାର ସାହାଯ୍ୟ ରାଶି ୫ ଲକ୍ଷ ପରିବର୍ତ୍ତେ ୭ ଲକ୍ଷ ବୃଦ୍ଧିକୁ ବିଧାୟକ ସାମନ୍ତରାୟ ପ୍ରଶଂସା କରିଥିଲେ। ଏଥିରେ ରାଜ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଅଧକ୍ଷ ସୁବାସ ସିଂ, କଟକ ନଗର ବିଜେଡି ସଭାପତି ମଧୁସୂଦନ ସାହୁ, କାର୍ଯ୍ୟକାରୀ ସଭାପତି ଧର୍ମେଶ ନାୟକ, ରାଜ୍ୟ ଛାତ୍ର ବିଜେଡି କାର୍ଯ୍ୟକାରୀ ସଭାପତି ଦେବୀ ରଞ୍ଜନ ତ୍ରିପାଠୀ, କଟକ ଜିଲା ବିଜେଡି ମହିଳା ସଭାନେତ୍ରୀ ସୁଭଦ୍ରା ଦାସ, କଟକ ନଗର ବିଜେଡି ମହିଳା ସଭାନେତ୍ରୀ ଅନିତା ବେହେରା, ରାଜ୍ୟ ବିଜେଡି ସଂଖ୍ୟାଲଘୁ ସେଲ୍ ଉପସଭାପତି ସେକ୍ କମରୁଦ୍ଦିନ ଓ ମହମ୍ମଦ ସକିଲ ଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ରାଜ୍ୟ ବିଜେଡି ସଂଖ୍ୟାଲଘୁ ସେଲ୍‌ର ସାଧାରଣ ସମ୍ପାଦକ ଡ. ମହମ୍ମଦ ଆୟୁବ ପରିଚାଳନା କରିଥିଲେ। ଏଥିରେ ସୁକାନ୍ତ ନାୟକ, ଅନୱରୀ ବେଗମ, ନଜବୁନ ବିବି, ନର୍ଗିସ ବେଗମ୍, ରଜିଆ ବିବି, ବନିତା ନାୟକ, ମମତା ନାୟକ, କଲ୍ୟାଣ ନାୟକ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ କର୍କଟରୋଗୀ ପିଲାମାନଙ୍କ ଉଦ୍ଦେଶ୍ୟରେ ଚେକ୍ ପ୍ରଦାନ କରାଯାଉଛି।

# 'ଆତ୍ମୀୟତାର ଅଭାବ ଯୋଗୁ ସମାଜ ଅବକ୍ଷୟ ଆଡ଼କୁ ମୁହାଁଉଛି'

**କଣ୍ଟାପଡା, ୩।୯(ଡି.ଏନ୍.ଏ.)**

**ଦଧିଚି ଶିକ୍ଷାସମୂହ ଅନୁଷ୍ଠାନର ପ୍ରତିଷ୍ଠା ଦିବସ**

କଣ୍ଟାପଡା ବ୍ଲକ ଅନ୍ତର୍ଗତ ସୁନ୍ଦରଗ୍ରାମସ୍ଥିତ ଦଧିଚି ଶିକ୍ଷା ସମୂହ ଅନୁଷ୍ଠାନର ପ୍ରତିଷ୍ଠା ଦିବସ ୨୦୧୮ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଅନୁଷ୍ଠାନର ଅଧକ୍ଷ ଡ. ମନୋଜ କୁମାର ଦାଶଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ଶିକ୍ଷକମାନେ ଦୀପଭଳି ଜଳି ଛାତ୍ରୀଛାତ୍ରଙ୍କୁ ଜ୍ଞାନ ରୂପକ କିରଣ ପ୍ରଦାନ କରୁଥିବାରୁ ସେମାନେ ମହନୀୟ। ଆତ୍ମୀୟତାର ଅଭାବ ଯୋଗୁ ସମାଜ ଅବକ୍ଷୟ ଆଡକୁ ମୁହାଁଉଛି ବୋଲି ସେ କହିଥିଲେ। ଏଥିରେ ବାଲେଶ୍ୱର କ୍ଷେପଣାସ୍ତ୍ର ଗବେଶଣା କେନ୍ଦ୍ରର ନିର୍ଦ୍ଦେଶକ ଡ. ବିନୟ କୁମାର ଦାସ ମୁଖ୍ୟବକ୍ତା, ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ସ୍ୱତନ୍ତ୍ର ଅତିଥି, ନିଆଳି ବିଧାୟକ ଡା. ପ୍ରମୋଦ କୁମାର ମଲ୍ଲିକ ଓ ପୂର୍ବତନ ବିଧାୟକ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଅନୁଷ୍ଠାନ ପକ୍ଷରୁ କରାଯାଉଥିବା ବିଭିନ୍ନ ଜନମଙ୍ଗଳ କାର୍ଯ୍ୟ ସମ୍ପର୍କରେ ମ୍ୟାନେଜିଂ ଟ୍ରଷ୍ଟି ବବିତା ଦାଶ ଆଲୋଚନା କରିଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ କଟକର ଆଚାର୍ଯ୍ୟ ହରିହର ଆଞ୍ଚଳିକ କର୍କଟରୋଗ ନିରୁପଣ କେନ୍ଦ୍ରର ପିଲାମାନଙ୍କୁ ୫୦,୦୦୦ ଟଙ୍କାର ଚେକ୍ ଓ କେରଳ ବନ୍ୟା ପ୍ରପୀଡିତଙ୍କ ଉଦ୍ଦେଶ୍ୟରେ ରାଜ୍ୟପାଳଙ୍କୁ ୧ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା। ଏଥିସହ ସାହିତ୍ୟିକ ପ୍ରଶାନ୍ତ ମହାନ୍ତି, ଲେଖକ ସୁଦର୍ଶନ ଦାସ ଓ ପଣ୍ଡିତ ମାତୃପ୍ରସାଦ ମିଶ୍ରଙ୍କୁ ସମ୍ମାନିତ କରାଯାଇଥିଲା। ଡ. ସତ୍ୟବ୍ରତ ସାହୁ ବିବରଣୀ ପାଠ ଓ ଡ. ରଜତ କୁମାର କର ଧନ୍ୟବାଦ ଦେଇଥିଲେ।

### ଅପରେଶନ୍ ପରୀ-୨

# ୨ୟ ଦିନରେ ୧୯୧ ଶିଶୁ ଉଦ୍ଧାର

**କଟକ ଅଫିସ, ୩।୯**

ନିଖୋଜ ପିଲାଙ୍କୁ ଖୋଜିବା ପାଇଁ କ୍ରାଇମବ୍ରାଞ୍ଚ ପକ୍ଷରୁ ଚଳିତବର୍ଷ ଆରମ୍ଭ ହୋଇଥିବା ଅପରେଶନ୍ ପରୀ-୨ କାର୍ଯ୍ୟକ୍ରମ ଜାରି ରହିଛି। ରବିବାର ଦ୍ୱିତୀୟ ଦିନରେ ଏହି ଟିମ୍ ଓଡ଼ିଶାର ବିଭିନ୍ନ ସ୍ଥାନରେ ଚଢାଉ କରି ୧୯୧ ଜଣ ପିଲାଙ୍କୁ ଉଦ୍ଧାର କରିଛି। ଉଦ୍ଧାର ପିଲାମାନଙ୍କୁ ବିଭିନ୍ନ ଶିଶୁ କଲ୍ୟାଣ ସମିତିରେ ଛଡା ଯାଇଥିବାବେଳେ ସେମାନଙ୍କ ପରିବାର ଲୋକଙ୍କୁ ଏ ସମ୍ପର୍କରେ ଜଣାଇ ଦିଆଯାଇଛି। ୧୯୧ ପିଲାଙ୍କ ମଧ୍ୟରୁ ୧୫ ଅପହୃତାଙ୍କୁ ଉଦ୍ଧାର କରାଯାଇଛି। ଅପହରଣ କରି ନିଆଯାଇ ସେମାନଙ୍କୁ ବିଭିନ୍ନ କାର୍ଯ୍ୟରେ ଲଗା ଯାଉଥିଲା। ଉଦ୍ଧାର ହୋଇଥିବା ଅଧିକାଂଶ ପିଲାଙ୍କୁ ମାଲିକମାନେ ନିର୍ଯାତନା ଦେଉଥିବା କ୍ରାଇମ୍‌ବ୍ରାଞ୍ଚ ପକ୍ଷରୁ ସୂଚନା ଦିଆଯାଇଛି। ଉଦ୍ଧାର ପିଲାମାନଙ୍କ ମଧ୍ୟରେ ବୌଦ୍ଧ ଜିଲାରୁ ସର୍ବାଧିକ ୪୨ ଜଣ ରହିଛନ୍ତି। ଏହି ଅପରେଶନ୍‌ର ପ୍ରଥମ ଦିନରେ ୩୫ ଶିଶୁଙ୍କୁ ଉଦ୍ଧାର କରାଯାଇଥିଲା। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଆଗାମୀ ଦିନରେ ଅଧିକ ଶିଶୁ ଉଦ୍ଧାର ହୋଇପାରିବେ ବୋଲି କ୍ରାଇମବ୍ରାଞ୍ଚ ପକ୍ଷରୁ ଆଶା କରାଯାଉଛି।



କଟକ ଶଙ୍କରପୁର ପରିଡ଼ା ସାହିରେ ସୋମବାର ଅନୁଷ୍ଠିତ ନନ୍ଦ ଉତ୍ସବ।

# ଟ୍ରକ୍ ଧକ୍କାରେ ଯୁବକ ମୃତ, ରାସ୍ତାରୋକୋ

**ବାରଙ୍ଗ,୩।୯(ଡି.ଏନ୍.ଏ.)**

ବାରଙ୍ଗ ଥାନା ସମ୍ମୁଖରେ ସୋମବାର ରାତିରେ ଦଶଚକିଆ ଟ୍ରକ ଧକ୍କାରେ ସ୍ଥାନୀୟ ଫୁଲପୋଖରୀ ଗ୍ରାମର ବିନୋଦ ସାହୁ(୩୦) ନାମକ ଯୁବକଙ୍କ ମୃତ୍ୟୁ ଘଟିଛି। ବିନୋଦ ରାସ୍ତା ଅତିକ୍ରମ କରୁଥିବା ବେଳେ ପଛପଟୁ ଆସୁଥିବା ଉକ୍ତ ଟ୍ରକ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ତଳେ ପଡ଼ିଯିବାରୁ ଟ୍ରକ ଚକ ତାଙ୍କ ଉପରେ ଚଢ଼ିଯାଇଥିଲା। ଦୁର୍ଘଟଣା ପରେ ଚାଳକ ଗାଡ଼ି ଛାଡ଼ି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ପୋଲିସ ପହଞ୍ଚି ବିନୋଦଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ନିମନ୍ତେ କଟକ ବଡ଼ ମେଡିକାଲ ନେଉଥିବା ବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ସ୍ଥାନୀୟ ଗ୍ରାମବାସୀ ଉତ୍ତ୍ୟକ୍ତ ହୋଇ ବାରଙ୍ଗ-କଟକ ମୁଖ୍ୟରାସ୍ତାକୁ ଟାୟାର ଜାଳି ଅବରୋଧ କରିଥିଲେ। ଏଥିଯୋଗୁ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ପୋଲିସ ପହଞ୍ଚି ବୁଝାଶୁଝା କରିବା ପରେ ରାସ୍ତା ଅବରୋଧ ହଟିଥିଲା।

ସୋମବାର ସନ୍ଧ୍ୟାରେ ଏକ ଗଣ୍ଡଗୋଳ ଘଟଣାରେ ବାରଙ୍ଗ ପୋଲିସ ବିନୋଦଙ୍କୁ ଆଣି ଥାନାରେ ଅଟକ ରଖିଥିଲା। ରାତି ପ୍ରାୟ ୮ଟାରେ ଏକ ଚୁକ୍ତିନାମାରେ ତାଙ୍କୁ ଛାଡ଼ିବା ପରେ ବିନୋଦ ଥାନାରୁ ବାହାରି ସମ୍ମୁଖ ରାସ୍ତା ଅତିକ୍ରମ କରୁଥିଲେ। ଏହି ସମୟରେ ଦ୍ରୁତଗତିରେ ଆସୁଥିବା ଏକ ଦଶଚକିଆ ଟ୍ରକ(ନଂ. ୟୁପି୨୧-ଏଏନ୍-୫୮୩୨) ତାଙ୍କୁ ଧକ୍କା ଦେଇଥିଲା।

# ଓକିଲଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି

### କେସ୍ ଡାଏରୀ ଦାଖଲ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

**କଟକ ଅଫିସ, ୩।୯**

ପୋଲିସ-ଓକିଲଙ୍କ ମଧ୍ୟରେ ଉପୁଜିଥିବା ବିବାଦର ସମାଧାନର ବାଟ ବାହାରୁନାହିଁ। ଏହାକୁ ନେଇ ଓକିଲମାନେ ଚଳାଇଥିବା କାର୍ଯ୍ୟବନ୍ଦ ଆନ୍ଦୋଳନକୁ ୫ ଦିନ ପୂରିଛି। ବୁଧବାର ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରି ରହିବ। ବୁଧବାର ପରବର୍ତ୍ତୀ ବୈଠକ ପରେ ଭବିଷ୍ୟତ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ ହେବ ବୋଲି ସୋମବାର ହାଇକୋର୍ଟ ବାର୍‌ରେ ବସିଥିବା ବୈଠକରେ ନିଷ୍ପତ୍ତି ନିଆଯାଇଛି। ହାଇକୋର୍ଟ ବାର୍ ସଭାପତି ଆଡଭୋକେଟ ଶ୍ରୀକାନ୍ତ ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ଆଡଭୋକେଟ ସତ୍ୟବ୍ରତ ମହାନ୍ତିଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ। ଏହି ଘଟଣାକୁ ନେଇ ହାଇକୋର୍ଟରେ ରୁଜୁ ହୋଇଥିବା ମାମଲାର ଶୁଣାଣି ହୋଇଥିଲା। ମାମଲାରେ ଜବାବ ଦାଖଲ ପାଇଁ ହାଇକୋର୍ଟ ପୂର୍ବରୁ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ସରକାରଙ୍କ ପକ୍ଷରୁ ଜବାବ ଦାଖଲ କରାଯାଇ ପାରିନାହିଁ। ମଙ୍ଗଳବାର ମାମଲା ସମ୍ପର୍କିତ କେସ୍ ଡାଏରୀ ହାଇକୋର୍ଟରେ ଦାଖଲ କରିବା ପାଇଁ ମାମଲାର ଶୁଣାଣି କରୁଥିବା ମୁଖ୍ୟ ବିଚାରପତି କେ.ଏସ୍. ଝାବେରୀ ଓ ବିଚାରପତି କେ.ଆର୍. ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ପୋଲିସକୁ ନିର୍ଦ୍ଦେଶ ଦେଇଛନ୍ତି। ଗତ ୨୮ ତାରିଖରେ ଚାଉଳିଆଗଞ୍ଜ ଥାନା ଅଧୀନ ଓଭରବ୍ରିଜ ନିକଟରେ ହାଇକୋର୍ଟର ଜଣେ ଆଇନଜୀବୀଙ୍କ ବାଇକ୍ ସହିତ ଅନ୍ୟ ଜଣଙ୍କ ବାଇକ ଧକ୍କା ହୋଇଥିଲା। ଏହାକୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ପୋଲିସ ସେଠାରେ ପହଞ୍ଚିବା ପରେ ଆଇନଜୀବୀଙ୍କ ସହିତ ପୋଲିସର ଉଚ୍ଚବାଚ ହୋଇଥିଲା। ଏହାକୁ ନେଇ ସମ୍ପୃକ୍ତ ଆଇନଜୀବୀଙ୍କୁ ପୋଲିସ ମାଡ଼ ମାରିଥିବା ଅଭିଯୋଗ ହୋଇଥିଲା। ଘଟଣାକୁ ନେଇ ଅଗଷ୍ଟ ୨୯ ତାରିଖଠାରୁ ଓକିଲମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ ଚଳାଇଛନ୍ତି। କାରଣ ଆଇନଜୀବୀଙ୍କୁ ଆକ୍ରମଣ ଘଟଣାରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରୁନାହିଁ। ଏପରି କି ଉକ୍ତ ମାମଲାକୁ ଦୁର୍ବଳ କରିବା ପାଇଁ ପୋଲିସ ଷଡ଼ଯନ୍ତ୍ର କରୁଥିବା ଓକିଲମାନେ ଅଭିଯୋଗ କରିଛନ୍ତି।

# ତୈଳ ଦର ବୃଦ୍ଧି ପ୍ରତିବାଦରେ କଂଗ୍ରେସର ରାସ୍ତାରୋକୋ

**କଟକ ଅଫିସ/ ଫୁଲନଖରା, (ଡି.ଏନ୍.ଏ.) ୩।୯**

ପେଟ୍ରୋଲ, ଡିଜେଲ ଓ ଗ୍ୟାସ୍ ଦର ବୃଦ୍ଧି ପ୍ରତିବାଦରେ ସୋମବାର ପୂର୍ବାହ୍ନ ୧୦ଟାରେ କଟକ ନଗର କଂଗ୍ରେସ ପକ୍ଷରୁ ୧୬ନଂ. ଜାତୀୟ ରାଜପଥର ବାଲିକୁଦା ଛକଠାରେ ରାସ୍ତାରୋକୋ କରାଯାଇଥିଲା। କଟକ ନଗର କଂଗ୍ରେସ ସଭାପତି ଇଂ. ମହମ୍ମଦ ମୋକିମଙ୍କ ନେତୃତ୍ୱରେ ୩୦୦ରୁ ଉର୍ଦ୍ଧ୍ୱ କଂଗ୍ରେସ କର୍ମୀ ପୁରୀଘାଟସ୍ଥିତ ନଗର କଂଗ୍ରେସ କାର୍ଯ୍ୟାଳୟରୁ ଶୋଭାଯାତ୍ରାରେ ବାହାରି ବାଲିକୁଦା ଛକଠାରେ ପହଞ୍ଚିଥିଲେ। ଦେଶରେ ତୈଳଦର ଅହେତୁକ ବୃଦ୍ଧି ନେଇ କେନ୍ଦ୍ର ସରକାର ଦାୟୀ ବୋଲି କଂଗ୍ରେସ କର୍ମୀମାନେ କହିବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ଏଥିସହ ସେଠାରେ ଟାୟାର ଜାଳି ରାସ୍ତାରୋକୋ କରିଥିଲେ। ଫଳରେ ରାସ୍ତାରେ ଉଭୟ ପାର୍ଶ୍ୱରେ ବହୁସଂଖ୍ୟକ ଯାନବାହନ ଅଟକି ରହିଥିଲା। ଆଗାମୀ ଦିନରେ ଯଦି ସାଧାରଣ ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ତୈଳଦର ହ୍ରାସ ନ କରନ୍ତି ତେବେ ପ୍ରତିବାଦ ଆହୁରି ବ୍ୟାପକ କରାଯିବ ବୋଲି ନଗର କଂଗ୍ରେସ ସଭାପତି ମୋକିମ କହିଛନ୍ତି। ପ୍ରତିବାଦକାରୀ କଂଗ୍ରେସ କର୍ମୀଙ୍କୁ ବୁଝାଶୁଝା କରିବା ସମୟରେ ପୋଲିସ ସହ ସେମାନଙ୍କ ଧସ୍ତାଧସ୍ତି ହୋଇଥିବା ଦେଖିବାକୁ ମିଳିଥିଲା। ପରେ ପୂର୍ବାହ୍ନ ୧୧ଟାରେ ରାସ୍ତାରୋକୋ ହଟିବା ଯୋଗୁ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା। ଏହି ରାସ୍ତାରୋକୋ ଆନ୍ଦୋଳନରେ ପିସିସି ସମ୍ପାଦକ ଅନିଲ କୁମାର ବେଉରା, ସାଧାରଣ ସମ୍ପାଦକ ବିଶ୍ୱଜିତ୍ ଦାସ, ଛାତ୍ରନେତା ଇତିଶ ପ୍ରଧାନ, ପ୍ରଶାନ୍ତ କୁମାର ମହାନ୍ତି, ମନୋରଞ୍ଜନ ଖଟୁଆ ପ୍ରମୁଖ ସାମିଲ ହୋଇଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ କଟକ ସଦର ଥାନାଧିକାରୀ ସୁଧାଂଶୁ ଭୂଷଣ ଜେନା, ଏସିପି ଶୁଭେନ୍ଦୁ ସିଂହ, ନିମାଇଁଚରଣ ସେଠୀ, ଦେବଦତ୍ତ କର ଓ ସେକ୍ ଶରିଫ ପୋଲିସ ଫୋର୍ସ ସହ ଘଟଣାସ୍ଥଳରେ ଉପସ୍ଥିତ ଥିଲେ। ଏହି ପ୍ରତିବାଦକୁ ଯୁବ କଂଗ୍ରେସ, ମହିଳା କଂଗ୍ରେସ, ଛାତ୍ର କଂଗ୍ରେସ ସମର୍ଥନ ଜଣାଇଛି।




କଂଗ୍ରେସ ପକ୍ଷରୁ ବାଲିକୁଦା ଛକଠାରେ ଟାୟାର ଜାଳି ରାସ୍ତାରୋକୋ କରାଯାଉଛି।



❝ କାଠ ପାଇଁ ଛେଲି ଯାହା,
ବିଜ୍ଞତା ପାଇଁ ଗାମ୍ଭୀର୍ଯ୍ୟ ସେୟା।
- କନ୍‌ଫ୍ୟୁସିୟସ୍



## ସଂକ୍ଷେପରେ

### ହୋହାଲ୍ଲାରେ ପୂଜା କମିଟି ବୈଠକ

**ଖୋର୍ଦ୍ଧା ଅଫିସ,୩।୯:** ବାଣପୁର କଲେଜ ରୋଡ ପରିଛା ସାହି ଗଣେଶ ପୂଜା କମିଟିର ବୈଠକ ସୋମବାର ହୋହାଲ୍ଲା ମଧ୍ୟରେ ଶେଷ ହୋଇଛି। ଗତବର୍ଷର ବିଭିନ୍ନ ଘଟଣାଙ୍କୁ ନେଇ କମିଟି ସଦସ୍ୟମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏଣୁ ଚଳିତବର୍ଷ ଗଣେଶ ପୂଜା କରିବାକୁ ସଭ୍ୟମାନେ ଆଗ୍ରହ ପ୍ରକାଶ କରି ନ ଥିଲେ। ତେବେ ବିବାଦର ସମାଧାନ ପାଇଁ ବାଣପୁରର ପୂର୍ବତନ ନଗରପାଳ ସହଦେବ ନାୟକ ଏଥିରେ ହସ୍ତକ୍ଷେପ କରି ସଦସ୍ୟମାନଙ୍କୁ ଶ୍ରୀରାଜ କଲ୍ୟାଣ ମଣ୍ଡପଠାରେ ଏକତ୍ରିତ କରିଥିଲେ। ପୂର୍ବ ବିବାଦକୁ ଛାଡି କାର୍ଯ୍ୟ କରିବାକୁ ଉପଦେଶ ଦେଇଥିଲେ। ହେଲେ ବିବାଦର ସମାଧାନ ହୋଇ ପାରିନାହିଁ।

### ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି

**ଖୋର୍ଦ୍ଧା ଅଫିସ,୩।୯:** ଖୋର୍ଦ୍ଧା ବ୍ଲକରେ ସୋମବାର ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାପାଳ ନିର୍ମଳ ଚନ୍ଦ୍ର ମିଶ୍ରଙ୍କ ସମେତ ଅନ୍ୟ ପ୍ରଶାସନିକ ଅଧିକାରୀ ଯୋଗଦେଇ ଅଭିଯୋଗ ଶୁଣିଥିଲେ। ୧୪୦ ଅଭିଯୋଗରୁ ୧୩୬ ବ୍ୟକ୍ତିଗତ ଓ ୪ଟି ଗୋଷ୍ଠୀଗତ ଥିଲା। ତେବେ ୪୯ଟି ଅଭିଯୋଗର ଫଇସଲା ହୋଇଯାଇଛି। ଅନ୍ୟ ଅଭିଯୋଗଗୁଡିକ ବିଭାଗୀୟ ଅଧିକାରୀଙ୍କ ନିକଟକୁ ଫଏସଲା ପାଇଁ ପଠାଇ ଦିଆଯାଇଛି।

### ୨୧,୨୨ ନଂ. ୱାର୍ଡରେ ମୌଳିକ ସେବା ମିଳୁନି ଜିଲ୍ଲାପାଳଙ୍କୁ ଫେରାଦ ହେଲେ ବାସିନ୍ଦା

**ଖୋର୍ଦ୍ଧା ଅଫିସ,୩।୯:** ଖୋର୍ଦ୍ଧା ସହରର ୨୧ ଓ ୨୨ ନଂ. ୱାର୍ଡରେ ମୌଳିକ ସେବା ମିଳୁନାହିଁ ମୋଟାମୋଟି ଭାବେ ପରିମଳ ସେବା ଠପ ହୋଇଯାଇଛି। ଅଭିଯୋଗ କଲେ ସୁଫଳ ମିଳିନି। ଏଣୁ ଦୁଇ ୱାର୍ଡବାସୀ ମୌଳିକ ସେବାର ଯାଞ୍ଚ କରି ଉନ୍ନତମାନର ସେବା ଯୋଗାଇ ଦେବା ଲାଗି ଜିଲ୍ଲାପାଳ ହସ୍ତକ୍ଷେପ କରିବାକୁ ଅନୁରୋଧ କରିଛନ୍ତି। ଅଭିଯୋଗକାରୀ ବାସିନ୍ଦା ଦର୍ଶାଇଛନ୍ତି ଡ୍ରେନ ଉପରେ ସ୍ଲାବ ପକାଇବା, ବଡଦାଣ୍ଡ ଓ ରାସ୍ତା ସଫା କରିବା, ପୋତି ହୋଇ ରହିଥିବା କଲଭର୍ଟକୁ ପୁନରୁଦ୍ଧାର କରି ନୂଆ ନିର୍ମାଣ କରାଇବା ଦାବି ରହିଛି। ପ୍ରତି ଘରେ ପାଇଖାନା, ମାଳିସାହି ଗାଁ ମୁଣ୍ଡରେ ଦୁଇଟି କଂକ୍ରିଟ ତିଆରି ଡଷ୍ଟବିନ୍, ଶୌଚାଳୟ ନିର୍ମାଣ ପରି ଅନୁରୂପ ଦାବି ବି ରହିଛି।

### ଗାଡ଼ି ଧକ୍କାରେ ୨ ଗାଈ ମୃତ

**ନିରାକାରପୁର,୩।୯(ଡି.ଏନ.ଏ.):** ନିରାକାରପୁର ଥାନା ରାମେଶ୍ୱର ଛକ ୧୬ ନମ୍ବର ଜାତୀୟ ରାଜପଥରେ ଗାଡ଼ି ଧକ୍କାରେ ୨ ଟି ଗାଈ ମୃତ୍ୟୁବରଣ କରିଛନ୍ତି। ସୋମବାର ସକାଳେ ଏଠାରେ ଏକ ଅଜଣା ଗାଡ଼ି ଧକ୍‌କାରେ ୨ଟି ଗାଈ ମରିଯାଇଥିବା ବେଳେ ଗୋଟିଏ ଗୁରୁତର ଅବସ୍ଥାରେ ରାଜପଥ ଉପରେ ପଡିରହିଥିଲା। ଗାଈମାଲିକ ସେମାନଙ୍କର ସୁରକ୍ଷା ପ୍ରତି ଦୃଷ୍ଟି ଦେଉ ନ ଥିବାରୁ ରାସ୍ତା ଦେଇ ଯାଆସ କରୁଥିବା ଟ୍ରକ୍ ଏବଂ ଅନ୍ୟ ଗାଡ଼ି ଧକ୍କାରେ ଗୋରୁଙ୍କ ମୃତ୍ୟୁ ହେଉଛି। ଗୋରୁଙ୍କ ପ୍ରତି ବିଶେଷ ଦୃଷ୍ଟି ଦେବାକୁ ସାଧାରଣରେ ମତ ପ୍ରକାଶ ପାଉଛି।

## ଯୋଜନା ଅପହଞ୍ଚ

# ସାର୍ଟିଫିକେଟ ଅଛି, ଭତ୍ତା ମିଳୁନି



ବାପାଙ୍କ ସହ ଦୁଇ ଦିବ୍ୟାଙ୍ଗ ପିଲା।

**ଖୋର୍ଦ୍ଧା ଅଫିସ,୩।୯**

### ୨ ଦିବ୍ୟାଙ୍ଗ ଶିଶୁ ବିତାଉଛନ୍ତି ଅଭିଶପ୍ତ ଜୀବନ

ସରକାର ଦିବ୍ୟାଙ୍ଗଙ୍କ ପାଇଁ ଅନେକ ଯୋଜନା କରିଛନ୍ତି। ହେଲେ ପ୍ରକୃତ ହିତାଧିକାରୀ ଏହାର ସୁଫଳ ପାଉନାହାନ୍ତି। ଠିକ୍ ମନିଟରିଂ ଅଭାବରୁ ଯୋଜନା ସେମାନଙ୍କ ପାଇଁ ଅପହଞ୍ଚ ହୋଇଥିବା ଅଭିଯୋଗ ହେଉଛି। ଖୋର୍ଦ୍ଧା ବ୍ଲକ ଧଉଳିମୁହଁ ପଞ୍ଚାୟତ କାଇମାଟିଆ ଗାଁର ଦୁଇଟି ପୃଥକ୍ ପରିବାରର ଦୁଇ ଦିବ୍ୟାଙ୍ଗ ଶିଶୁ ଅଭିଶପ୍ତ ଜୀବନ ବିତାଉଛନ୍ତି। ଏହି ଦୁଇ ଭିନ୍ନକ୍ଷମ ସାର୍ଟିଫିକେଟ ପାଇଛନ୍ତି ହେଲେ ଭତ୍ତା ପାଉନାହାନ୍ତି। ଭତ୍ତା ପାଇବା ପାଇଁ ଥରେ ନୁହେଁ ବାରମ୍ବାର ଫର୍ମ ପୂରଣ କରି ଦେଇଥିଲେ ମଧ୍ୟ ସୁଫଳ ମିଳିନି।

କାଇମାଟିଆ ଗାଁର ଭାସ୍କର ସାହୁଙ୍କ ଝିଅ ପୂର୍ଣ୍ଣିମା(୯) ଓ ପାଣ୍ଡବ ବେହେରାଙ୍କ ଝିଅ ଶୁଭଶ୍ରୀ(୮) ଉଭୟ ଜନ୍ମରୁ ମାନସିକ ବିକାରଗ୍ରସ୍ତ। ଉଭୟ ଶିଶୁ କାହାକୁ ଠିକ୍ ଭାବେ ଚିହ୍ନି ପାରୁନାହାନ୍ତି। କଥା ବି କହି ପାରୁନାହାନ୍ତି। ଖାଇବା ପିଇବା ମଧ୍ୟ ଠିକ୍‌ରେ କରି ପାରୁନାହାନ୍ତି। ଯେକୌଣସି ସମୟରେ ମଳତ୍ୟାଗ ଓ ପରିସ୍ରା କରି ଜାଣି ପାରୁନାହାନ୍ତି। ପରିବାର ଲୋକ ପୂର୍ଣ୍ଣିମା ପାଇଁ ଭିନ୍ନକ୍ଷମ ସାର୍ଟିଫିକେଟ କାଢ଼ିଛନ୍ତି। ଏଥିରେ ୭୭ ପ୍ରତିଶତ ଟେମ୍ପରାରୀ ଦିବ୍ୟାଙ୍ଗ ଦର୍ଶାଯାଇଛି। ସେହିପରି ଶୁଭଶ୍ରୀଙ୍କ ସାର୍ଟିଫିକେଟରେ ୯୦ ପ୍ରତିଶତ ପରମାନେଟ ଦିବ୍ୟାଙ୍ଗ ବୋଲି ଉଲ୍ଲେଖ ରହିଛି। ଉଭୟ ପରିବାର ଦାରିଦ୍ର୍ୟ ଭିତରେ ଛନ୍ଦିହୋଇ କାଳାତିପାତ କରୁଛନ୍ତି। ମୂଲ ମଜୁରି ଲାଗି ଯାହା ରୋଜଗାର ହୁଏ ସେଥିରେ ଚଳନ୍ତି। ପୂର୍ଣ୍ଣିମାଙ୍କ ବାପା ଭାସ୍କରଙ୍କର ରାଶନକାର୍ଡ ଅଛି। ଏହାର ସୁଫଳ ପାଉଛନ୍ତି। କିନ୍ତୁ ଜବକାର୍ଡ ଥିଲେ ମଧ୍ୟ ତାଙ୍କୁ କାମ ମିଳୁନି। ଜବ୍‌କାର୍ଡ କେବଳ ଘରେ ଥୁଆ ହୋଇଛି। ଝିଅ ଭିନ୍ନକ୍ଷମ ପରେ ବି ଇନ୍ଦିରା ଆବାସଟିଏ ମଧ୍ୟ ମିଳୁନି। ସେହିପରି ଶୁଭଶ୍ରୀଙ୍କ ବାପା ପାଣ୍ଡବଙ୍କର ଜବକାର୍ଡ ଅଛି, କାମ ମିଳୁନି। ରାଶନକାର୍ଡ ପାଇବାକୁ ଯୋଗ୍ୟ ହିତାଧିକାରୀ ହୋଇଥିଲେ ହେଁ ତାଙ୍କୁ ଉପେକ୍ଷା କରାଯାଇଛି। ଏଣୁ ଉଭୟ ପରିବାର ଦୁଃଖଦ ଜୀବନଯାପନ କରୁଛନ୍ତି।

**ଜିଲ୍ଲାପାଳଙ୍କୁ ଭେଟିଲେ ଦୁଇ ପରିବାର**

କାଇମାଟିଆ ଗାଁର ଦିବ୍ୟାଙ୍ଗ ଶୁଭଶ୍ରୀ ଓ ପୂର୍ଣ୍ଣିମାଙ୍କର ପରିବାର ସୋମବାର ଖୋର୍ଦ୍ଧା ବ୍ଲକରେ ଅନୁଷ୍ଠିତ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଭେଟି ନିଜ ଝିଅଙ୍କ ରୋଗ ନେଇ ଜଣାଇଛନ୍ତି। ଏପରି କି ଭତ୍ତା ପାଉ ନ ଥିବା ସମ୍ପର୍କରେ କହିଛନ୍ତି। ଜିଲ୍ଲାପାଳ ଉଭୟ ଝିଅଙ୍କୁ ଦେଖି ଆବଶ୍ୟକ ସହଯୋଗ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।



କୃଷ୍ଣପ୍ରସାଦ ବ୍ଲକ୍‌ରେ ଅନୁଷ୍ଠିତ ଜନଶୁଣାଣିରେ ଜିଲ୍ଲାପାଳ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

## ଜିଲ୍ଲାପାଳଙ୍କ ଜନଶୁଣାଣିରେ ୩୨ ଅଭିଯୋଗ

**କୃଷ୍ଣପ୍ରସାଦ,୩।୯(ଡି.ଏନ.ଏ.)**

ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକରେ ସୋମବାର ଜିଲ୍ଲାପାଳ ଜ୍ୟୋତି ପ୍ରକାଶ ଦାସଙ୍କ ଅଧ୍ୟକ୍ଷତାରେ ୩୨ଟି ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ନବନିଯୁକ୍ତ ଜିଲ୍ଲାପାଳଙ୍କୁ ବ୍ଲକ ପ୍ରଶାସନ ତରଫରୁ ମହିଳା ଓ ଶିଶୁବିକାଶ ଅଧିକାରିଣୀ ମନୋରମା ଦେବୀ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଶିବିରରେ ପୁରୀ ଏସ୍‌ପି ସାର୍ଥକ ଷଡ଼ଙ୍ଗୀ, ଉପଜିଲ୍ଲାପାଳ ଭବତାରଣ ସାହୁ, ପ୍ରକଳ୍ପ ନିର୍ଦ୍ଦେଶକ ଉଦ୍ଧବ ଚରଣ ମାଝି, ମହିଳା ଓ ଶିଶୁବିକାଶ ଅଧିକାରିଣୀ କଲ୍ୟାଣୀ ଦେବୀ, ଯୋଗାଣ ଅଧିକାରୀ ତୁଷାରକାନ୍ତ ଦେଓ, ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ଡା.ବ୍ରଜବନ୍ଧୁ ଦାଶ ଓ ଜଳଯୋଗାଣ ନିର୍ବାହୀ ଯନ୍ତ୍ରୀ ବସନ୍ତ କୁମାର ନାୟକଙ୍କ ସମେତ ବହୁ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଜମିଜମା, ରାଶନ କାର୍ଡ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ସ୍ୱାସ୍ଥ୍ୟସେବା ଆଦି ୩୨ଟି ମାମଲାର ଅଭିଯୋଗ ଶୁଣାଣି ଜିଲ୍ଲାପାଳ କରିଥିଲେ। ସାତପଡ଼ା, ଜହ୍ନିକୁଦା, ଚିଲିକାରେ ଯାତ୍ରୀଙ୍କୁ ଚଢ଼ାଦରରେ ଭଡ଼ା ଆଦାୟ କରାଯାଉଥିବାରୁ ଚିଲିକା, ନୂଆପଡା ପଞ୍ଚାୟତବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ତେଣୁ ନୂଆପଡ଼ା ସମିତି ସଭ୍ୟ ଉତ୍ତମ କୁମାର ତରେଇ ପଞ୍ଚାୟତ ତରଫରୁ ଜହ୍ନିକୁଦାଠାରୁ ସାତପଡ଼ା, ଚିଲିକାରେ ଡଙ୍ଗା ପକାଇବାକୁ ଜିଲ୍ଲାପାଳଙ୍କୁ ଅନୁରୋଧ କରିଥିଲେ। ଘାଟ ଡଙ୍ଗା ଚଳାଚଳ କରିବା ନିମନ୍ତେ ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଥିଲେ। ଶିବିରରେ କୃଷ୍ଣପ୍ରସାଦ ପଞ୍ଚାୟତ ସମିତି ଅଧ୍ୟକ୍ଷା ସୌଦାମିନୀ ମାନସିଂହ, ଉପାଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଜେନା, କୃଷ୍ଣପ୍ରସାଦ ବିଡିଓ ଅଶୋକ କୁମାର ମହାନ୍ତି, ତହସିଲଦାର ବିନୋଦ କୁମାର ସ୍ୱାଇଁ, ଆଇଆଇସି ଦିଲୀପ କୁମାର ସ୍ୱାଇଁ, ବ୍ଲକ ପ୍ରଗତି ସହାୟକ ସୁବାସ ଚନ୍ଦ୍ର ସେଠୀ, ସହକାରୀ ଯନ୍ତ୍ରୀ ଇଂ.ପ୍ରସନ୍ନ କୁମାର ସ୍ୱାଇଁ , କନିଷ୍ଠ ଯନ୍ତ୍ରୀ ବିପିନି ବିହାରୀ ମଙ୍ଗରାଜ, ଜିଲ୍ଲା ପରିଷଦ ସଭ୍ୟା ପ୍ରଭାତୀ ପ୍ରଧାନ ଓ ବନ୍ଦନା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ମୁକ୍ତାଦେଇପୁର ବାଲିଡ଼ିହି ରାସ୍ତା ମରଣଯନ୍ତା

**ଖୋର୍ଦ୍ଧା ଅଫିସ,୩।୯**

ସରକାର ଗମନାଗମନକୁ ପ୍ରାଧାନ୍ୟ ଦେଇ ସଂଯୋଗୀକରଣ ରାସ୍ତା, ତାହାର ଉନ୍ନତିକରଣ, ମରାମତି ଆଦି କାର୍ଯ୍ୟ ପାଇଁ କୋଟି କୋଟି ଟଙ୍କା ବ୍ୟୟ ବରାଦ କରୁଛନ୍ତି। କିନ୍ତୁ ବାଣପୁର ବ୍ଲକ ଭବାନିପୁର ପଞ୍ଚାୟତର ମୁକ୍ତାଦେଇପୁରଠାରୁ ବାଲିଡିହି ଗ୍ରାମ ଯାଏଁ ଲମ୍ବିଥିବା ମୁଖ୍ୟ କେନାଲ ରାସ୍ତାକୁ ଅଣଦେଖା କରାଯାଇଥିବା ଅଭିଯୋଗ ରହିଛି। ଏହି ରାସ୍ତା ଦେଇ ବାଲିଡିହି, ଭବାନିପୁର, ବେଙ୍ଗରାଜପଲ୍ଲୀ, ମୁକ୍ତାଦେଇପୁର, ନୂଆସାହି ଆଦି ପ୍ରାୟ ୧୦ଖଣ୍ଡ ଗ୍ରାମର ଲୋକ ଏହି ରାସ୍ତା ଉପରେ ନିର୍ଭରଶୀଳ। ତେବେ ମରାମତି କରା ନ ଯିବାରୁ ଯାନବାହନ ଯାତାୟାତ ଯୋଗୁଁ ରାସ୍ତାର ବିଭିନ୍ନ ସ୍ଥାନ ଖାଲ ଡିପରେ ପରିଣତ ହୋଇଛି। ଏହାଦ୍ୱାରା ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଛି। ଏହି ରାସ୍ତାର ପୁନରୁଦ୍ଧାର ପାଇଁ ମୁକ୍ତାଦେଇପୁର ଗ୍ରାମବାସୀ ବିଭିନ୍ନ ସମୟରେ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଅବଗତ କରିଥିଲେ ମଧ୍ୟ ସୁଫଳ ମିଳିନି।

## ଶ୍ରୀ ହନୁମାନ ପୀଠରେ ନନ୍ଦୋତ୍ସବ

**ବୋଲଗଡ଼,୩।୯(ଡି.ଏନ.ଏ.)**

ବୋଲଗଡ଼ ବ୍ଲକର ବିଭିନ୍ନ ଅଞ୍ଚଳ ଓ ଦେବାଳୟପୀଠରେ ସୋମବାର ନନ୍ଦୋତ୍ସବ ପାଳିତ ହୋଇଯାଇଛି। ମାଣିବନ୍ଧସ୍ଥିତ ଶ୍ରୀତ୍‌ହନୁମାନ ପୀଠରେ ଅନୁଷ୍ଠିତ ନନ୍ଦ ଉତ୍ସବରେ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ସେହିପରି ଗୋପାଳପୁର ପଞ୍ଚାୟତସ୍ଥ ଦେଉଳି ଗ୍ରାମର ଗିରିଗୋବର୍ଦ୍ଧନ ପଡ଼ିଆରେ ଥିବା ରାଧାଦାମୋଦର ଦେବଙ୍କ ମନ୍ଦିରରେ ମଧ୍ ନନ୍ଦ ଉତ୍ସବ ପାଳନ କରାଯାଇଥିଲା।

## ସଙ୍କୁଳସ୍ତରୀୟ ଖେଳକୁଦ ସମାରୋହ ଉଦ୍‌ଯାପିତ

**ଟାଙ୍ଗୀ(ଖୋର୍ଦ୍ଧା),୩।୯(ଡି.ଏନ୍.ଏ.)**

ଟାଙ୍ଗୀ ବ୍ଲକ୍ କୁହୁଡ଼ି ସରସ୍ୱତୀ ଶିଶୁବିଦ୍ୟାମନ୍ଦିର ତତ୍ତ୍ୱାବଧାନରେ ୧୪ତମ ବାଣପୁର ସଙ୍କୁଳସ୍ତରୀୟ ଖେଳକୁଦ ସମାରୋହ ଉଦ୍‌ଯାପିତ ହୋଇଯାଇଛି। ସୋମବାର ସ୍ଥାନୀୟ ଜନତା କଲେଜ ଷ୍ଟାଡ଼ିୟମରେ ଆୟୋଜିତ ଏହି ପ୍ରତିଯୋଗିତାରେ ବହୁ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ବାଣପୁର, ବାଲୁଗାଁ, କୁହୁଡ଼ି, ଚାନ୍ଦପର, କାଲୁପଡା, ସୁନ୍ଦରପୁର ଓ ବଡପାରୀ ଅଞ୍ଚଳର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରୀଛାତ୍ର ପ୍ରତିଯୋଗିତାରେ ନିଜ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। ଏକ ମଶାଲ ଶୋଭାଯାତ୍ରା ପ୍ରଭୁ ଗୁପ୍ତେଶ୍ୱର ମନ୍ଦିରରୁ ଅଣାଯାଇ ଖେଳକୁଦ ପ୍ରତିଯୋଗିତା ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଥିଲା। ଅପରାହ୍ନରେ ସଙ୍କୁଳ ପ୍ରମୁଖ ବିଜୟ ପ୍ରସାଦ ନନ୍ଦ ଅଧ୍ୟକ୍ଷତାରେ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସିଆର୍‌ସିସି ଲଳିତ ନାରାୟଣ ମହାପାତ୍ର, ସମ୍ମାନିତ ଅତିଥି ଭାବେ ଶିକ୍ଷାବିକାଶ ସମିତି (ଖୋର୍ଦ୍ଧା) ବିଭାଗ ନିରୀକ୍ଷକ ପ୍ରଶାନ୍ତ କୁମାର ପ୍ରଧାନ, ବିଭାଗ ପ୍ରମୁଖ କୁଳମଣି ମିଶ୍ର, ସଙ୍କୁଳ ସଂଯୋଜକ ଅବିନାସ ପଟ୍ଟନାୟକ, କୁହୁଡି ଶିଶୁ ବିଦ୍ୟାମନ୍ଦିର ସଭାପତି ହରିବନ୍ଧୁ ସାମନ୍ତରାୟ, ସମ୍ପାଦକ ବିଧୁଭୂଷଣ ବେହେରା, ଯୁଗ୍ମ ସମ୍ପାଦକ ବି. ମନୋଜ ନାଇଡୁ ପ୍ରମୁଖ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ପ୍ରତିଯୋଗିତାରେ ୧୨୭ ଜଣ ଛାତ୍ରୀଛାତ୍ର ଶିଶୁ, ବାଲ ଓ କିଶୋର ବର୍ଗରେ ୬୦ ଗୋଟି ଖେଳ ଯଥା ଦୌଡ, ଉଚ୍ଚଡିଆଁ, ଲମ୍ବଡିଆଁ, ଗୋଲାପିଙ୍ଗା, ଥାଳିଆ ଫିଙ୍ଗା ଇତ୍ୟାଦିରେ ଅଂଶଗ୍ରହଣ କରିଥିଲେ। ଚଳିତ ବର୍ଷ ଶିଶୁ ବର୍ଗରେ ବିଶ୍ୱରଞ୍ଜନ ସାହୁ, ପ୍ରଜ୍ଞାପରମିତା ଜେନା, ପ୍ରିୟଦର୍ଶିନୀ ପାତ୍ର, ବାଲ ବର୍ଗରେ ବଳରାମ ମହାପାତ୍ର, ଶ୍ରଦ୍ଧାଞ୍ଜଳି ପ୍ରଧାନ ଓ କିଶୋର ବର୍ଗରେ ଇତିଶ୍ରୀ ବିଶ୍ୱାଳ ଓ ମନୋଜ ଚଣ୍ଡ ପ୍ରମୁଖଙ୍କୁ ଚାମ୍ପିୟନ ଟ୍ରଫି ପ୍ରଦାନ କରାଯାଇଥିଲା। ପ୍ରଧାନ ଶିକ୍ଷକ ପବିତ୍ର ପ୍ରଧାନ ସହଯୋଗ କରିଥିଲେ।




ଅତିଥିମାନେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରୁଛନ୍ତି।




ନିଲମ୍ବିତ ସଭ୍ୟମାନେ ଖବରଦାତା ସମ୍ମିଳନୀରେ କାଗଜାତ ଦେଖାଉଛନ୍ତି।

## ଜଟଣୀ ରେଡଙ୍ଗ କଲୋନୀ ମସ୍‌ଜିଦ

# ୬ ସଦସ୍ୟଙ୍କୁ ନିଲମ୍ବନ ନେଇ ବିବାଦ

**ଜଟଣୀ, ୩।୯(ଡି.ଏନ.ଏ)**

### ନ୍ୟାୟାଳୟରେ ମାମଲା

ଜଟଣୀ ରେଡଙ୍ଗ କଲୋନୀ ମସଜିଦ୍‌ର ୬ ଜଣ ସଦସ୍ୟଙ୍କୁ ନିଲମ୍ବନ ବିବାଦ ନ୍ୟାୟାଳୟରେ ପହଞ୍ଚିଛି। ରେଡଙ୍ଗ କଲୋନୀସ୍ଥିତ ମସ୍‌ଜିଦ ହବିବିର ଏହି ସଦସ୍ୟମାନଙ୍କୁ ଅନ୍ୟାୟ ଭାବେ ୩ ବର୍ଷ ପାଇଁ ନିଲମ୍ବନ କରାଯାଇଛି। ଏପରି କି ନିଲମ୍ବିତ ସଦସ୍ୟଙ୍କର ବିବାହ ବା କୌଣସି କାର୍ଯ୍ୟକ୍ରମରେ ମସଜିଦ୍‌ର ମୌଲାନା ଓ ମୌଜନମାନେ ଯୋଗ ନ ଦେବା ପାଇଁ ମସଜିଦ କମିଟି ପକ୍ଷରୁ ପ୍ରତିବନ୍ଧକ ଲଗାଯାଇଥିବା ଏଠାରେ ଏକ ଖବରଦାତା ସମ୍ମିଳନୀରେ ସଦସ୍ୟ ପଦରୁ ନିଲମ୍ବିତ ଶେଖ୍ ସଲିମୁଦ୍ଦିନ, ସୟଦ ଫଇଜୁଲା, ଇଜାଜ୍ ସାଦିକ୍, ମହମ୍ମଦ ଆୟୁବ ହୁସେନ ଓ ଏମ୍.ଆଲମ୍ କହିଛନ୍ତି। ନିୟମ ଉଲ୍ଲଙ୍ଘନ କରି ମସଜିଦ୍‌ର ସମ୍ବିଧାନ ଅନୁଯାୟୀ ପ୍ରଥମେ କାରଣ ଦର୍ଶାଅ ନୋଟିସ୍ ଜାରି ନ କରି କେବଳ ନୋଟିସ୍ ବୋର୍ଡରେ ନିଲମ୍ବିତ କରାଯାଇଥିବା ନେଇ କମିଟିର ସଭାପତିଙ୍କ ଦସ୍ତଖତରେ ଟାଙ୍ଗି ଦିଆଯାଇଥିଲା। କ'ଣ ପାଇଁ ସେମାନଙ୍କୁ ନିଲମ୍ବିତ କରାଗଲା ତାହା ଜଣାଇବାକୁ ମସ୍‌ଜିଦ କମିଟିକୁ ସେମାନେ ଲିଖିତ ଭାବେ ଅନୁରୋଧ କରିଥିଲେ ମଧ୍ୟ ଦୁଇମାସ ମଧ୍ୟରେ କୌଣସି ଉତ୍ତର ମିଳି ନ ଥିଲା। ଫଳରେ ଅନ୍ୟ ଉପାୟ ନ ପାଇ ନ୍ୟାୟ ପାଇବାକୁ ଭୁବନେଶ୍ୱର ଜୁନିୟର ସିଭିଲ ଜଜ୍‌ଙ୍କ ଅଦାଲତରେ ଏକ ସିଭିଲ୍ ସୁଟ୍ (ନଂ.୧୫୨୭/୧୮) ୨୦୧୮ ଅଗଷ୍ଟ ୨୧ରେ କରିଥିବା ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ନ୍ୟାୟାଳୟ ପକ୍ଷରୁ ମସଜିଦ୍ କମିଟିର ସଭାପତି, ସମ୍ପାଦକ ଓ ମୌଜନଙ୍କୁ ସମନ ଜାରି କରାଯାଇଛି। ଆସନ୍ତା ୨୭ ତାରିଖରେ ମସ୍‌ଜିଦ କମିଟିର ଉପରୋକ୍ତ କର୍ମକର୍ତ୍ତାମାନେ ନ୍ୟାୟାଳୟରେ ଉପସ୍ଥିତ ରହି କୈଫିୟତ ରଖିବେ ବୋଲି ଉଲ୍ଲେଖ ରହିଥିବା ସୂଚନା ଦେଇଥିଲେ। ଏ ନେଇ ମସଜିଦ୍ କମିଟିର ସଭାପତି ସୟଦ କଲିମୁଦ୍ଦିନ ଓ ସମ୍ପାଦକ ଏମ୍.ଡି. ପରୱେଜ ହାଇଦର କୁହନ୍ତି ମସ୍‌ଜିଦ ଭଳି ଧର୍ମାନୁଷ୍ଠାନରେ ୬ ଜଣ ସଦସ୍ୟ ବାରମ୍ବାର ବିଶୃଙ୍ଖଳିତ ଆଚରଣ ପ୍ରଦର୍ଶନ କରିବା ଯୋଗୁ ନିୟମ ଅନୁଯାୟୀ ନିଲମ୍ବନ ଭଳି ପଦକ୍ଷେପ ଗ୍ରହଣ କରାଯାଇଛି। ନ୍ୟାୟାଳୟରେ ସମସ୍ତ ଘଟଣା ଉପସ୍ଥାପନ କରାଯିବ ବୋଲି ସେମାନେ କହିଛନ୍ତି।

## କାଇପଦର ଦୁଇ ଭାଇ ହତ୍ୟା ଘଟଣାରେ ଜଣେ ଗିରଫ

**ଖୋର୍ଦ୍ଧା ଅଫିସ,୩।୯**

ବ୍ୟବସାୟିକ ପଥର ଖଣି ଶତ୍ରୁତାକୁ ନେଇ ଖୋର୍ଦ୍ଧା ସଦର ଥାନା ଟାଙ୍ଗେଣୀ ପାହାଡରେ କାଇପଦର ଗାଁର ବଖାରୀ ଓ ଶ୍ୱେତ ସାମନ୍ତସିଂହାର ଦୁଇଭାଇଙ୍କୁ ହତ୍ୟା ଘଟଣାରେ ପୋଲିସ ଅନିରୁଦ୍ଧ ସ୍ୱାଇଁ(୩୮)ଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ଏହି ଘଟଣାରେ ୧୫ ଜଣଙ୍କ ନାଁରେ ମାମଲା ଥିଲା। ଏ ସଂକ୍ରାନ୍ତରେ ଖୋର୍ଦ୍ଧା ସଦର ଥାନାରେ ନଂ. ୭୪/୧୬ରେ ମାମଲା ରୁଜୁ ହୋଇ ତଦନ୍ତ ଚାଲୁ ରହିଥିବା ଆଇଆଇସି ବିକ୍ରମ ଜେନା କହିଛନ୍ତି।

## ଯାଦବ ମହାସଭା ପକ୍ଷରୁ ଶୋଭାଯାତ୍ରା

**ଟାଙ୍ଗୀ(ଖୋର୍ଦ୍ଧା),୩।୯(ଡି.ଏନ.ଏ.)**

ରଣପୁର ବ୍ଲକ୍ କନ୍ଧ ନୟାଗଡ଼ଠାରେ ୨ ଦିନିଆ ଯାଦବ ସମ୍ମିଳନୀ, ଜନ୍ମାଷ୍ଟମୀ ଓ ନନ୍ଦ ଉତ୍ସବ ପାଳିତ ହୋଇଯାଇଛି। ଯାଦବ ମହାସଭା ପକ୍ଷରୁ ଏକ ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା। କୃଷ୍ଣ, ବଳରାମ, ନନ୍ଦ, ଯଶୋଦାଙ୍କୁ ବାଡ଼ିଖେଳ ମାଧ୍ୟମରେ ଗ୍ରାମ ପରିକ୍ରମା କରାଯାଇଥିଲା। ଶଙ୍କର ପ୍ରତାପ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାରୋହରେ ଉତ୍କଳ ଯାଦବ ମହାସଭାର କାର୍ଯ୍ୟକାରୀ ସଭାପତି ସୁବାସ ଚନ୍ଦ୍ର ବେହେରା, ଅଖିଳ ଭାରତ ଯାଦବ ମହାସଭାର ସାଧାରଣ ସମ୍ପାଦକ ପ୍ରଫୁଲ୍ଲ କୁମାର ଦାସ ଓ କଟକ ଜିଲ୍ଲା ଯାଦବ ମହାସଭାର ସଭାପତି ପ୍ରଦୀପ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଖୋର୍ଦ୍ଧା, ବାଣପୁର, ଯାଁଳାରେ ନନ୍ଦ ଉତ୍ସବ

**ଖୋର୍ଦ୍ଧା ଅଫିସ,୩।୯**

ଖୋର୍ଦ୍ଧା ଓ ବାଣପୁରରେ ନନ୍ଦ ଉତ୍ସବ ସୋମବାର ପାଳିତ ହୋଇଛି। ବାଣପୁରର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଏଜୁକେୟାର, ନେହେରୁ ସେବାଶ୍ରମ ଓ ଭେଟେଶ୍ୱର ସରସ୍ୱତୀ ଶିଶୁ ମନ୍ଦିରଠାରେ ଜନ୍ମାଷ୍ଟମୀ ଅବସରରେ ଶିଶୁମାନେ ରାଧା ଓ କୃଷ୍ଣ ବେଶରେ ସୁସଜ୍ଜିତ ହୋଇଥିଲେ। ସେହିପରି ଖୋର୍ଦ୍ଧା ସହର ଗୁରୁଜଙ୍ଗ ଧବଳେଶ୍ୱର ଯାଦବ ସମିତି ପକ୍ଷରୁ ନନ୍ଦ ଉତ୍ସବ ପାଳନ ହୋଇଛି।

**ଯାଁଳା,(ଡି.ଏନ.ଏ):** ଭୁବନେଶ୍ୱର ଉପକଣ୍ଠ ପଞ୍ଚୁପଲ୍ଲୀ ପଞ୍ଚାୟତର ବାଇରଙ୍ଗ ଗାଁରେ ସୋମବାର ନନ୍ଦ ଉତ୍ସବ ପାଳିତ ହୋଇଯାଇଛି। ଏକ ମଣ୍ଡପରେ ଠାକୁରଙ୍କୁ ରଖାଯାଇଥିଲା। ଭଗବାନ ଶ୍ରୀକୃଷ୍ଣ ରାତି ୧୨ଟାରେ ଜନ୍ମ ନେଇଥିଲେ। ପରଦିନକୁ ନନ୍ଦ ରାଜା ନିଜ ପିଲାଙ୍କ ଜନ୍ମ ଉତ୍ସବ ପାଳନ କରିଥିଲେ। ଏହାକୁ ମନେ ରଖିବା ପାଇଁ ଗାଁର ପିଲାମାନେ ନିଜକୁ ଶ୍ରୀକୃଷ୍ଣ ଓ ସାଙ୍ଗଗଣ ବେଶ ହୋଇଥାନ୍ତି। ଜଣେ ବୟସ୍କ ବ୍ୟକ୍ତି ନନ୍ଦ ରାଜା ହୋଇଥିଲେ। ସଂକୀର୍ତ୍ତନ, ଭଜନ ସହ ବିଭିନ୍ନ ବାଜାର ତାଳେ ତାଳେ ନାଚ ଗୀତ ସାଙ୍ଗକୁ ଗାଁକୁ ଆଲୋକରେ ସାଜସଜ୍ଜା କରାଯାଇଥାଏ।





ନନ୍ଦ ଉତ୍ସବ ଅବସରରେ ପିଲାମାନେ ବିଭିନ୍ନ ବେଶରେ ସଜ୍ଜିତ ହୋଇଛନ୍ତି।

## ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ

# ଖୋର୍ଦ୍ଧା ଜିଲ୍ଲାରେ ବଢ଼ିଲା ୧୩୪ ବୁଥ

**ଖୋର୍ଦ୍ଧା ଅଫିସ,୩।୯**

ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ ଗତ ଶନିବାରଠାରୁ ଆରମ୍ଭ ହୋଇଛି। ଖୋର୍ଦ୍ଧା ଜିଲ୍ଲାରେ ୧୩୪ ବୁଥ୍ ବଢ଼ିବା ପରେ ଏହାର ସଂଖ୍ୟା ୧୯୦୦ରେ ପହଞ୍ଚିଛି। ପୂର୍ବରୁ ଜିଲ୍ଲାର ୮ଟି ନିର୍ବାଚନ ମଣ୍ଡଳୀରେ ୧୭୬୬ ବୁଥ୍ ଥିଲା। ଖୋର୍ଦ୍ଧା ସବଡିଭିଜନର ବେଗୁନିଆ ନିର୍ବାଚନମଣ୍ଡଳୀରେ ୨୩୧, ଖୋର୍ଦ୍ଧାରେ ୨୪୮, ଚିଲିକା ନିର୍ବାଚନମଣ୍ଡଳୀରେ ୨୩୫ ଏପରି ମୋଟରେ ୭୧୪ ବୁଥ୍ ଥିଲା। ପୁନର୍ଗଠନ ପରେ ବେଗୁନିଆ ନିର୍ବାଚନ ମଣ୍ଡଳୀରେ ୨୩୮, ଖୋର୍ଦ୍ଧାରେ ୨୫୫, ଚିଲିକା ନିର୍ବାଚନ ମଣ୍ଡଳୀରେ ୨୪୪ ଏପରି ୭୩୭ ବୁଥ୍ ହୋଇଛି। ସେହିପରି ଭୁବନେଶ୍ୱର ସବ୍‌ଡିଭିଜନରେ ଜୟଦେବ ନିର୍ବାଚନ ମଣ୍ଡଳୀରେ ୨୧୫, ଭୁବନେଶ୍ୱର ମଧ୍ୟ ୧୮୨, ଭୁବନେଶ୍ୱର ଉତ୍ତର ୨୧୪, ଏକାମ୍ର ଭୁବନେଶ୍ୱର ୨୦୧, ଜଟଣୀ ନିର୍ବାଚନ ମଣ୍ଡଳୀରେ ୨୪୦ ଏପରି ମୋଟରେ ୧୦୫୨ ବୁଥ୍ ଥିଲା। ପୁନର୍ଗଠନ ପରେ ଭୁବନେଶ୍ୱର ସବ୍‌ଡିଭିଜନରେ ଜୟଦେବ ନିର୍ବାଚନ ମଣ୍ଡଳୀରେ ୨୩୭, ଭୁବନେଶ୍ୱର ମଧ୍ୟ ୧୯୮, ଭୁବନେଶ୍ୱର ଉତ୍ତର ୨୪୩, ଏକାମ୍ର ଭୁବନେଶ୍ୱର ୨୨୭, ଜଟଣୀ ନିର୍ବାଚନ ମଣ୍ଡଳୀରେ ୨୫୮ ଏପରି ମୋଟରେ ୧୧୬୩ ବୁଥ୍ ହୋଇଛି। ପ୍ରକାଶଥାଉ କି ୨୦୧୯ ଜାନୁୟାରୀ ୧କୁ ଯୋଗ୍ୟତା ତାରିଖ ଧରାଯାଇ ସେହି ସମୟକୁ ଯେଉଁ ଭୋଟରଙ୍କ ବୟସ ୧୮ ବର୍ଷ ବା ତଦୂର୍ଦ୍ଧ୍ୱ ହୋଇଥିବ ସେମାନେ ଭୋଟର ତାଲିକାରେ ନାମ ଦରଜ ପାଇଁ ଆବେଦନ କରି ପାରିବେ। ସେହିପରି, ମୃତ, ବିବାହ, ସ୍ଥାନାନ୍ତର ଇତ୍ୟାଦି କ୍ଷେତ୍ରରେ ବହୁ ଭୋଟର ତାଲିକା ବା କାର୍ଡରେ ତ୍ରୁଟି କ୍ଷେତ୍ରରେ ସଂଶୋଧନ ପାଇଁ ଆବଶ୍ୟକ ଫର୍ମ ମାଧ୍ୟମରେ ଆବେଦନ କରାଯାଇ ପାରିବ। ସେପ୍ଟେମ୍ବର ୧ରୁ ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ଆରମ୍ଭ ହୋଇଛି। ଅକ୍ଟୋବର ୩୧ ପର୍ଯ୍ୟନ୍ତ ଏହା ଚାଲୁ ରହିବ। ଆବେଦନକାରୀଙ୍କ ଦାବି ଓ ଆପତ୍ତିର ଫଏସଲା ନଭେମ୍ବର ୩୦ ମଧ୍ୟରେ କରାଯାଇ ଚୂଡାନ୍ତ ଭୋଟର ତାଲିକା ୨୦୧୯ ଜାନୁୟାରୀ ୪ ରେ ପ୍ରକାଶ ପାଇବ। ଭୋଟର ତାଲିକାରେ ଶତ ପ୍ରତିଶତ ଫଟୋ ବ୍ୟବସ୍ଥାର ଲକ୍ଷ୍ୟ ରହିଛି। ଏହି କାର୍ଯ୍ୟରେ ବିଏଲଓମାନେ ସମ୍ପୃକ୍ତ ବୁଥ୍‌ରେ ନୋଡାଲ ଅଧିକାରୀ ଭାବେ କାର୍ଯ୍ୟ କରିବେ। ଭୋଟରମାନେ ବ୍ଲକ ଓ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଖୋଲା ଯାଇଥିବା ଭୋଟର ସହାୟତା କେନ୍ଦ୍ରର ସହାୟତା ନେଇ ଅନଲାଇନ ମାଧ୍ୟମରେ ଆବେଦନ କରିପାରିବେ। ଏକାଧିକ ନିର୍ବାଚନ ମଣ୍ଡଳୀରେ ନାମ ଥିଲେ ଜେଲ, ଜରିମାନା ବ୍ୟବସ୍ଥା ରହିଛି। ପ୍ରତି ବୁଥ୍‌ରେ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳଗୁଡିକ ଏଜେଣ୍ଟ ନିଯୁକ୍ତି କରିପାରିବେ ବୋଲି ଜିଲ୍ଲାପାଳ ନିର୍ମଳ ଚନ୍ଦ୍ର ମିଶ୍ର ସୂଚନା ଦେଇଛନ୍ତି। ଏଥିରେ ଖୋର୍ଦ୍ଧା ଉପଜିଲ୍ଲାପାଳ ସରୋଜ ସାହୁ, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୁରଜିତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

